ଆଜି - ଶନିବାର
ତାରିଖ - ୧୫ ଅଗଷ୍ଟ ୨୦୨୬

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି

# ଆଜିକାଲି
THE AJIKALI

ସତ ଖବର ସମସ୍ତଙ୍କ ଖବର
E-mail: ajikalibls@gmail.com

15 August Independence Day

Morning Edition
ପ୍ରଭାତୀ ସଂସ୍କରଣ

Vol.- 41 ISSUE- 123 R.N.I. REGD. No. 44026/86 ବାଲେଶ୍ୱର ୧୫ ଅଗଷ୍ଟ ୨୦୨୬ ଶନିବାର BALASORE 15 AUGUST 2026 SATURDAY “REGISTERED” REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦

## ସ୍ୱାଧୀନତା ଦିବସର ଅବ୍ୟବହିତ ପୂର୍ବରୁ ଦେଶବାସୀଙ୍କୁ ସମ୍ବୋଧିତ କଲେ ରାଷ୍ଟ୍ରପତି

### ସ୍ୱାଧୀନତାର ପ୍ରକୃତ ଅର୍ଥ ସମାନ ସୁଯୋଗ ଓ ସମାବେଶୀ ବିକାଶ

ନୂଆଦିଲ୍ଲୀ : ସ୍ୱାଧୀନତାର ପ୍ରକୃତ ଅର୍ଥ କେବଳ ବିଦେଶୀ ଶାସନରୁ ମୁକ୍ତି ନୁହେଁ, ବରଂ ପ୍ରତ୍ୟେକ ନାଗରିକ ନିଜର ସାମର୍ଥ୍ୟ ଓ ଆକାଂକ୍ଷା ପୂରଣ କରିବା ପାଇଁ ସମାନ ସୁଯୋଗ ପାଇବା ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି । ସ୍ୱାଧୀନତା ଦିବସର ପୂର୍ବସନ୍ଧ୍ୟାରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇ ସେ ରାଷ୍ଟ୍ର ଉଦ୍ଦେଶ୍ୟରେ ବାର୍ତ୍ତା ଦେଇଛନ୍ତି । ରାଷ୍ଟ୍ରପତି ଉଲ୍ଲେଖ କରିଛନ୍ତି ଯେ ଭାରତୀୟ ସମ୍ବିଧାନରେ ନ୍ୟାୟ, ସ୍ୱାଧୀନତା, ସମାନତା ଓ ଭାଇଚାରା ଭଳି ମୂଳ ମୂଲ୍ୟବୋଧକୁ ସର୍ବୋଚ୍ଚ ସ୍ଥାନ ଦିଆଯାଇଛି । ଏହି ଆଦର୍ଶଗୁଡ଼ିକ ପ୍ରତ୍ୟେକ ନାଗରିକଙ୍କୁ ଆତ୍ମବିଶ୍ୱାସର ସହ ଆଗକୁ ବଢ଼ିବା, ସମାଜ ପାଇଁ ନିଷ୍ଠାର ସହ ଅବଦାନ ରଖିବା ଏବଂ ନିଜ ସ୍ୱପ୍ନକୁ ସାକାର କରିବା ପାଇଁ ଏକ



ସୁସ୍ଥ ପରିବେଶ ଯୋଗାଇ ଦେଇଥାଏ । ଦେଶର ଉଜ୍ଜ୍ୱଳ ଭବିଷ୍ୟତ ଗଠନରେ ଯୁବପିଢ଼ିଙ୍କ ଭୂମିକା ଉପରେ ରାଷ୍ଟ୍ରପତି ବିଶେଷ ଗୁରୁତ୍ୱାରୋପ କରିଛନ୍ତି । ସେ କହିଛନ୍ତି ଯେ ଭାରତର ପ୍ରଗତି ପଥରେ ଯୁବକ-ଯୁବତୀଙ୍କ ଉତ୍ସାହ, ଶକ୍ତି ଓ ଅନ୍ତର୍ନିହିତ ପ୍ରତିଭା ମୁଖ୍ୟ ଚାଳିକା ଶକ୍ତି ସାଜିବ । ଶିକ୍ଷା, ଦକ୍ଷତା ବିକାଶ, ନିଯୁକ୍ତି ଏବଂ ନୂତନ ଉଦ୍ୟମିତା କ୍ଷେତ୍ରରେ ଅଧିକରୁ ଅଧିକ ସୁଯୋଗ ସୃଷ୍ଟି କରାଗଲେ ଯୁବପିଢ଼ି ନିଜର ଆକାଂକ୍ଷା ପୂରଣ କରିପାରିବେ । ଏହା ଦ୍ୱାରା ଯୁବସମାଜ ଆତ୍ମନିର୍ଭରଶୀଳ ହେବା ସହ ଜାତୀୟ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବାରେ ବଡ଼ ଯୋଗଦାନ ଦେଇପାରିବେ । ସେହିପରି ଦେଶର ସାମଗ୍ରିକ ଉନ୍ନତି ପାଇଁ ସମାବେଶୀ ବିକାଶର ଆବଶ୍ୟକତା ଉପରେ ସେ ଆଲୋକପାତ କରିଛନ୍ତି । ରାଷ୍ଟ୍ରପତି କହିଛନ୍ତି ଯେ ବିକାଶର ସୁଫଳ ଯେପରି ସମାଜର ଶେଷ ଧାଡ଼ିରେ ଥିବା ପ୍ରତ୍ୟେକ ବର୍ଗଙ୍କ ପାଖରେ ପହଂଚିପାରିବ, ତାହା ସୁନିଶ୍ଚିତ ହେବା ଆବଶ୍ୟକ । ବିଶେଷକରି ସମାଜର ଦୁର୍ବଳ, ଶୋଷିତ ଓ ବଂଚିତ ବର୍ଗଙ୍କୁ ମୁଖ୍ୟସ୍ରୋତରେ ସାମିଲ କରି ଆଗକୁ ବଢ଼ିବାର ସମାନ ସୁଯୋଗ ପ୍ରଦାନ କରିବା ହିଁ ପ୍ରକୃତ ସମାବେଶୀ ବିକାଶର ମୂଳ ଲକ୍ଷ୍ୟ । ସର୍ବୋପରି, ରାଷ୍ଟ୍ରପତିଙ୍କ ଏହି ମାର୍ଗଦର୍ଶୀ ବାର୍ତ୍ତାରେ ସ୍ୱାଧୀନତାକୁ ନାଗରିକଙ୍କ ସମ୍ମାନ, ସମାନ ଅଧିକାର ଓ ସର୍ବାଙ୍ଗୀନ ଉନ୍ନତିର ସୁଯୋଗ ସହିତ ଯୋଡ଼ି ଦେଖାଯାଇଛି ।

## ୮୦ତମ ସ୍ୱାଧିନତା ଦିବସ ଅବସରରେ ଲାଲକିଲ୍ଲାରୁ ଜାତୀୟ ପତାକା ଉତୋଳନ କରିବା ସହିତ ଦେଶବାସୀଙ୍କୁ ଉଦ୍‌ବୋଧନ ଦେବେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ଅଗଷ୍ଟ ୧୫ ତାରିଖରେ ଆମ ଦେଶ ନିଜର ୮୦ତମ ସ୍ୱାଧୀନତା ଦିବସ ପାଳନ କରିବାକୁ ଯାଉଛି । ଏହି ପବିତ୍ର ତଥା ଗୌରବମୟ ଅବସରରେ ରାଜଧାନୀ ନୂଆଦିଲ୍ଲୀର ଐତିହାସିକ ଲାଲକିଲ୍ଲା ପ୍ରାଙ୍ଗଣରେ ସ୍ୱତନ୍ତ୍ର ଏବଂ ବ୍ୟାପକ ପ୍ରସ୍ତୁତି କରାଯାଇଛି । ଚଳିତ ବର୍ଷ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଲାଲକିଲ୍ଲାରେ ଜାତୀୟ ପତାକା ଉତୋଳନ କରିବା ସହିତ ଦେଶବାସୀଙ୍କୁ ଉଦ୍‌ବୋଧନ ଦେବେ । ତେବେ ଚଳିତ ବର୍ଷର ଏହି ଜାତୀୟ ସମାରୋହ କେବଳ ଏକ ଉତ୍ସବରେ ସୀମିତ ନରହି, ପ୍ରଧାନମନ୍ତ୍ରୀ ମୋଦୀଙ୍କ ନାମରେ ଏକ ନୂଆ ରେକର୍ଡ



ସୃଷ୍ଟି କରିବାକୁ ଯାଉଛି । ସୂଚନା ଅନୁଯାୟୀ, ୨୦୨୬ ଅଗଷ୍ଟ ୧୫ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଲଗାତାର ୧୩ତମ ଥର ପାଇଁ ଲାଲକିଲ୍ଲାରୁ ତ୍ରିରଙ୍ଗା ଉତୋଳନ କରିବେ । ଉଲ୍ଲେଖଯୋଗ୍ୟ ଯେ, ଗତ ବର୍ଷ ସେ ୧୨ଥର ପାଇଁ ପତାକା ଉତୋଳନ କରି ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଲଗାତାର ୧୧ ଥରର ରେକର୍ଡକୁ ଭାଙ୍ଗି ଦେଇଥିଲେ । ଏହା ସହିତ ପ୍ରଥମ ଅଣ-କଂଗ୍ରେସ ପ୍ରଧାନମନ୍ତ୍ରୀ ଭାବେ ସର୍ବାଧିକ ଥର ଦେଶର ମୁଖ୍ୟ ସମାରୋହରେ ପତାକା ଉତୋଳନ କରିବାର ବିରଳ ଗୌରବ ମଧ୍ୟ ସେ ହାସଲ କରିଛନ୍ତି । ଅବଶ୍ୟ, ସର୍ବାଧିକ ଥର ପତାକା ଉତୋଳନ କରିବା ତାଲିକାରେ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ ଏବଂ ଇନ୍ଦିରା ଗାନ୍ଧୀ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ରହିଛନ୍ତି ।

## ଓଡ଼ିଶା ପର୍ଯ୍ୟଟନ ସେବା ପ୍ରଶିକ୍ଷାର୍ଥୀଙ୍କ ସହ ଭାବବିନିମୟ କଲେ ରାଜ୍ୟପାଳ

ଭୁବନେଶ୍ୱର : ରାଜ୍ୟର ସମୃଦ୍ଧ ବୌଦ୍ଧ ଐତିହ୍ୟ ଏବଂ ବିବିଧ ପର୍ଯ୍ୟଟନ ସମ୍ଭାବନା ଭାରତ ତଥା ପଡ଼ୋଶୀ ଦେଶମାନଙ୍କରୁ ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିବାର ସୁଯୋଗ ରଖିଥିବାରୁ ଏ ଦିଗରେ ଅଧିକ ଧ୍ୟାନ ଦେବାକୁ ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଡ଼ ହରି ବାବୁ କମ୍ଭମପାଟି ଗୁରୁତ୍ୱାରୋପ



କରିଛନ୍ତି । ଶୁକ୍ରବାର ଦିନ ଲୋକ ଭବନର ଅଭିଷେକ ହଲଠାରେ ଓଡ଼ିଶା ପର୍ଯ୍ୟଟନ ସେବା (ଓଟିଏସ୍) କ୍ୟାଡରର ୧୭ ଜଣ ପ୍ରଶିକ୍ଷାର୍ଥୀଙ୍କ ସହ ଭାବବିନିମୟ କରିବା ସମୟରେ ରାଜ୍ୟପାଳ ଏହା କହିଛନ୍ତି । ଏହି ଆଲୋଚନା ସମୟରେ ରାଜ୍ୟପାଳ ଧଉଳି, ରତ୍ନଗିରି, ଉଦୟଗିରି, ଲଳିତଗିରି ଓ ଜିରାଙ୍ଗ ଭଳି ପ୍ରମୁଖ ବୌଦ୍ଧ ସ୍ଥଳୀମାନଙ୍କ ବିଷୟରେ ଉଲ୍ଲେଖ କରି ସ୍ଥାନଗୁଡ଼ିକର ବିଶିଷ୍ଟ ଐତିହାସିକ, ଆଧ୍ୟାତ୍ମିକ ଓ ସାଂସ୍କୃତିକ ବିଶେଷତ୍ୱ ଉପରେ ଆଲୋକପାତ କରିଥିଲେ । ସମ୍ରାଟ ଅଶୋକ ଓ କଳିଙ୍ଗ ଯୁଦ୍ଧ ସହିତ ଜଡ଼ିତ ଧଉଳିକୁ ବୌଦ୍ଧ ଶାନ୍ତି ଓ ଐତିହ୍ୟର ଏକ ପ୍ରମୁଖ କେନ୍ଦ୍ର ଭାବେ ପ୍ରଚାର କରାଯାଇପାରେ ବୋଲି ରାଜ୍ୟପାଳ ଆଶା ବ୍ୟକ୍ତ କରିଥିଲେ । ରତ୍ନଗିରି ଏବଂ ଉଦୟଗିରିର ପ୍ରାଚୀନ ମଠ, ସ୍ତୂପ ଏବଂ ଭାସ୍କର୍ଯ୍ୟ ଅବଶେଷ ପାଇଁ ଜଣାଶୁଣା ହୋଇଥିବାରୁ ସେଠାରେ ସମୃଦ୍ଧ ପ୍ରତ୍ନତାତ୍ତ୍ୱିକ ଓ ଐତିହାସିକ ଅନୁଭୂତି ମିଳିଥାଏ । ସେହି ଭଳି ଓଡ଼ିଶାର ଅନ୍ୟତମ ପ୍ରାଚୀନ ବୌଦ୍ଧ କେନ୍ଦ୍ର ଲଳିତଗିରିରେ ଐତିହ୍ୟ ପର୍ଯ୍ୟଟନ ପାଇଁ ପ୍ରଚୁର ସମ୍ଭାବନା ରହିଛି । ତିବ୍ବତୀୟ ବୌଦ୍ଧ ମଠ ଏବଂ ମନୋରମ ପ୍ରାକୃତିକ ପରିବେଶ ଯୋଗୁଁ ଜିରାଙ୍ଗ ମଧ୍ୟ ଆଧ୍ୟାତ୍ମିକ ଓ ସାଂସ୍କୃତିକ ଅନୁଭୂତି ଅନ୍ୱେଷଣ କରୁଥିବା ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିପାରିବ । ରାଜ୍ୟପାଳ ପୁଣି କହିଥିଲେ ଯେ, ଏହି ଗନ୍ତବ୍ୟସ୍ଥଳୀମାନଙ୍କର ଉପଯୁକ୍ତ ବିକାଶ ଓ ପ୍ରଚାର ଦ୍ୱାରା ନେପାଳ ଓ ଭୁଟାନ ଭଳି ପଡ଼ୋଶୀ ଦେଶ ସହିତ ଭାରତର ବିଭିନ୍ନ ଅଂଚଳରୁ ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରାଯାଇପାରିବ ।

## ବିଭାଜନ ବିଭୀଷିକା ସ୍ମୃତି ଦିବସରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ

### ୧୯୪୭ ବିଭାଜନ ଥିଲା ମାନବ ସଭ୍ୟତାର ସବୁଠୁ ବଡ଼ ସ୍ଥାନାନ୍ତରଣ

ଭୁବନେଶ୍ୱର : ସ୍ୱାଧୀନତା ଦିବସର ପୂର୍ବସନ୍ଧ୍ୟାରେ ଶୁକ୍ରବାର ଲୋକସେବା ଭବନସ୍ଥିତ କନ୍‌ଭେନ୍‌ସନ୍ ସେଂଟରଠାରେ ଆୟୋଜିତ ‘ବିଭାଜନ ବିଭୀଷିକା ସ୍ମୃତି ଦିବସ’ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦେଶ ବିଭାଜନର କଳା ଅଧ୍ୟାୟ, ଅମାନୁଷିକ ଯନ୍ତ୍ରଣା ଏବଂ ଏହାର ଭୟାବହ ବାସ୍ତବତାକୁ ସ୍ମରଣ କରିଛନ୍ତି । ବିଭାଜନ ବିଭୀଷିକା ସ୍ମୃତି ଦିବସ କେବଳ ଅତୀତର ଦୁଃଖଦ ଅଧ୍ୟାୟକୁ ସ୍ମରଣ କରିବାର ଦିନ ନୁହେଁ, ବରଂ ଆଜିର ଦିନରେ ଆମକୁ ଏହାକୁ ଦେଶର ଏକତା ଓ ଅଖଣ୍ଡତା ପାଇଁ ‘ସଂକଳ୍ପ ଦିବସ’ ଭାବେ ପାଳନ କରିବାକୁ ଶପଥ ନେବାକୁ ହେବ ବୋଲି ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ ଦେଶ ବିଭାଜନର ଭୟାନକ ତଥ୍ୟ ଉପସ୍ଥାପନ କରି କହିଛନ୍ତି ଯେ, ୧୯୪୭ ମସିହାର ବିଭାଜନ କେବଳ ଦୁଇ ଦେଶର ସୀମାରେଖା ନିର୍ଦ୍ଧାରଣ ନ ଥିଲା, ଏହା ଥିଲା ମାନବ ସଭ୍ୟତାର ସବୁଠାରୁ ବଡ଼



ସ୍ଥାନାନ୍ତରଣ । ବିଭିନ୍ନ ସୂତ୍ରରୁ ମିଳିଥିବା ଆକଳନ ଅନୁଯାୟୀ, ପ୍ରାୟ ଦେଢ଼ କୋଟି ଲୋକ ନିଜର ଭିଟାମାଟି ଛାଡ଼ି ଦେଶାନ୍ତର ହୋଇଥିଲେ । ଏହି ସମୟରେ ଘଟିଥିବା ସାମ୍ପ୍ରଦାୟିକ ହିଂସାରେ ୫ ଲକ୍ଷରୁ ୨୦ ଲକ୍ଷ ନିରୀହ ଲୋକଙ୍କର ଜୀବନ ଯାଇଥିଲା ଏବଂ ୫୦ ହଜାରରୁ ଊର୍ଦ୍ଧ୍ୱ ମହିଳାଙ୍କୁ ଅପହରଣ, ଦୁଷ୍କର୍ମ ଓ ନିର୍ଯାତନାର ଶିକାର ହେବାକୁ ପଡ଼ିଥିଲା । ପାକିସ୍ତାନରୁ ଆସୁଥିବା ‘ବ୍ଲଡ୍ ଟ୍ରେନ୍’ ଓ ‘ଘୋଷ୍ଟ ଟ୍ରେନ୍’ଗୁଡ଼ିକରେ କେବଳ ମୃତଦେହ ଭରି ରହିଥିଲା, ଯାହାର ପ୍ରଭାବ ଆଜି ବି ସେମାନଙ୍କ ବଂଶଧରଙ୍କ ମନରେ ରହିଛି । ବ୍ରିଟିଶ ସରକାରଙ୍କ ଡିଭାଇଡ୍ ଆଣ୍ଡ୍ ରୁଲ୍ ନୀତି ଏବଂ ସେତେବେଳର ତତ୍କାଳୀନ ରାଜନୈତିକ ନେତୃତ୍ୱଙ୍କ ସଂକୀର୍ଣ୍ଣ ବ୍ୟକ୍ତିଗତ ସ୍ୱାର୍ଥ ଓ କ୍ଷମତା ଲୋଭ ଯୋଗୁଁ ଏହି ବିଭାଜନ ଘଟିଥିଲା । ସେ ସମୟରେ ମୁସ୍‌ଲିମ୍ ଲିଗ୍ ଓ କଂଗ୍ରେସର ନିଷ୍ପତି ହିଁ ବିଭାଜନର ମୂଳ କାରଣ ଥିଲା ବୋଲି ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଥିଲେ । ଆଜି ବି ପାକିସ୍ତାନରେ ହିନ୍ଦୁଙ୍କ ସଂଖ୍ୟା ନଗଣ୍ୟ ହୋଇଯାଇଥିବା ବେଳେ ବାଙ୍ଗଲାଦେଶରେ ହିନ୍ଦୁଙ୍କ ଉପରେ ଅତ୍ୟାଚାର ବୃଦ୍ଧି ପାଉଛି । ଯେଉଁମାନେ ଏହି ବିଭୀଷିକାକୁ ସାଧାରଣ ଭାବେ ଦେଖୁଛନ୍ତି କିମ୍ବା ଶତ୍ରୁ ଭାବାପନ୍ନ ଦେଶ ସହ ବନ୍ଧୁତ୍ୱ ପାଇଁ ଆଗ୍ରହୀ, ସେମାନଙ୍କୁ ସ୍ୱାର୍ଥପର ଓ ଦେଶବିରୋଧୀ ବୋଲି ମୁଖ୍ୟମନ୍ତ୍ରୀ ଅଭିହିତ କରିଛନ୍ତି । ଏହି ଛପାଯାଇଥିବା ଇତିହାସକୁ ଆଜିର ଯୁବପିଢ଼ି ଆଗରେ ଉଜାଗର କରିବା ପାଇଁ ଏନସିଇଆରଟି ପାଠ୍ୟପୁସ୍ତକରେ ବିଭାଜନର ବିଭୀଷିକାକୁ ସ୍ଥାନିତ କରାଯାଇଛି, ଯାହାଦ୍ୱାରା ଯୁବଶକ୍ତି ଭ୍ରମିତ ନ ହୋଇ ପ୍ରକୃତ ସତ୍ୟ ଜାଣିପାରିବେ । ଅପରପକ୍ଷରେ, ଦେଶାନ୍ତର ହୋଇ ଆସିଥିବା ଶରଣାର୍ଥୀଙ୍କ ମଧ୍ୟରୁ ଲାଲକୃଷ୍ଣ ଆଡଭାନୀ, ସ୍ୱର୍ଗୀୟ ମନମୋହନ ସିଂହ ଏବଂ ଫ୍ଲାଇଂ ଶିଖ୍ ମିଲ୍‌ଖା ସିଂହ ନିଜ କଠିନ ପରିଶ୍ରମ ବଳରେ ଶୀର୍ଷରେ ପହଂଚିଥିବା ବେଳେ, ପାକିସ୍ତାନ ଯାଇଥିବା ମୁସଲମାନମାନଙ୍କୁ ଆଜି ବି ସେଠାରେ ‘ମୋହାଜି’ ଭାବେ ନିନ୍ଦିତ କରାଯାଉଛି ।

### ଶୁଭେଚ୍ଛା

୮୦ତମ ସ୍ୱାଧୀନତା ଦିବସ ଅବସରରେ ‘ଆଜିକାଲି’ର ସମସ୍ତ ପାଠକପାଠିକା, ବିଜ୍ଞାପନଦାତା ଓ ଶୁଭେଚ୍ଛୁମାନଙ୍କୁ ‘ଆଜିକାଲି’ ପରିବାର ପକ୍ଷରୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।

*- ସମ୍ପାଦକ*

### ଛୁଟି ଘୋଷଣା

୮୦ତମ ସ୍ୱାଧୀନତା ଦିବସ ଅବସରରେ ତା ୧୫.୦୮.୨୦୨୬ ରିଖ ଶନିବାର ‘ଆଜିକାଲି’ କାର୍ଯ୍ୟାଳୟ ଓ ପ୍ରେସ୍ ବନ୍ଦ ରହିବ । ପରବର୍ତ୍ତୀ ସଂସ୍କରଣ ତା୧୭.୦୮.୨୦୨୬ରିଖ ସୋମବାର ପ୍ରକାଶ ପାଇବ ।

*- ପରିଚାଳକ*

## ଓଡ଼ିଶାର ଅନ୍ତରୀଣ ଡିଜିପି ହେଲେ ବିନୟତୋଷ ମିଶ୍ର



ଭୁବନେଶ୍ୱର : ବରିଷ୍ଠ ପୁଲିସ ଅଧିକାରୀ ବିନୟତୋଷ ମିଶ୍ରଙ୍କୁ ନୂଆ ନିଯୁକ୍ତି ମିଳିଛି । ୧୯୯୩ ବ୍ୟାଚ୍‌ର ଆଇପିଏସ୍ ଶ୍ରୀ ମିଶ୍ରଙ୍କୁ ଅନ୍ତରୀଣ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ହେବେ । ଶ୍ରୀ ମିଶ୍ର ଏବେ କ୍ରାଇମବ୍ରାଂଚ ଡିଜି ଅଛନ୍ତି । କ୍ରାଇମବ୍ରାଂଚ ଡିଜି ବିନୟତୋଷ ମିଶ୍ରଙ୍କୁ ଡିଜିପିର ଅତିରିକ୍ତ ଦାୟିତ୍ୱ ମିଳିଛି, ଏନେଇ ପ୍ରସ୍ତାବକୁ ମିଳିଲା ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ । ସୂଚନାଯୋଗ୍ୟ, ବିନୟତୋଷ ମିଶ୍ର ହେଉଛନ୍ତି ଜଣେ ଦକ୍ଷ ପୁଲିସ ଅଧିକାରୀ । ସେ ରାଜ୍ୟଙ୍କ ଗୁରୁତ୍ୱପୂର୍ଣ୍ଣ ପଦବିରେ ଅବସ୍ଥାପିତ ହୋଇ ନିଜର ଦକ୍ଷତା ଦେଖାଇଛନ୍ତି । ଅତୀତରେ ରାଜ୍ୟ ସରକାର ଶ୍ରୀ ମିଶ୍ରଙ୍କୁ ଅଗ୍ନିଶମ ସେବା, ହୋମଗାର୍ଡ ଏବଂ ସିଭିଲ ଡିଫେନ୍ସର ଡିଜି ଭାବେ ଅତିରିକ୍ତ ଦାୟିତ୍ୱ ଦେଇଥିଲେ ।

15001/88/2627



### ପବିତ୍ର ସ୍ୱାଧୀନତା ଦିବସ-୨୦୨୬ ଅବସରରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ସ୍ୱାଧୀନତା ଦିବସ ଅବସରରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି । ଓଡ଼ିଶାକୁ ଦେଶର ଏକ ବିକଶିତ ଓ ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ପାଇଁ ସମସ୍ତେ ମିଳିମିଶି ନିଷ୍ଠାପରଭାବେ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମପାଟି)



### ୮୦ତମ ସ୍ୱାଧୀନତା ଦିବସ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ପବିତ୍ର ସ୍ୱାଧୀନତା ଦିବସ ଅବସରରେ ରାଜ୍ୟବାସୀ ଭାଇ ଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।


ଆମ ଦେଶର ପ୍ରତ୍ୟେକ ନାଗରିକ ମହାନ୍ ଭାରତୀୟ ମୌଳିକ ମୂଲ୍ୟବୋଧର ଆଦର୍ଶରେ ଅନୁପ୍ରାଣିତ । ସେହି ମୂଲ୍ୟବୋଧ ଆମକୁ ରାଷ୍ଟ୍ର ନିର୍ମାଣ ପାଇଁ ଆମର ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ସଚେତନ କରିଚାଲିଛି । ରାଜ୍ୟର ସମୃଦ୍ଧି ଓ ଦେଶର ବିକାଶ ଆମ ସମସ୍ତଙ୍କ ଏକମାତ୍ର ଲକ୍ଷ୍ୟ ।

ଆସନ୍ତୁ, ସମୃଦ୍ଧ ଓଡ଼ିଶା ଓ ବିକଶିତ ଭାରତ ଗଠନ ଦିଗରେ ସଂକଳ୍ପବଦ୍ଧ ହୋଇ କାମ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/15001/2/26-27/0088













# ଜଳକାରେ ଚଳିତ ବର୍ଷର ଦ୍ୱିତୀୟ ବନ୍ୟା : ପ୍ରଭାବିତ ଅଂଚଳ ପରିଦର୍ଶନ କଲେ ବିଧାୟିକା ସୁବାସିନୀ ଜେନା



ବାଲେଶ୍ୱର(ନି.ପ୍ର) : ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁଁ ଜଳକା ନଦୀର ଜଳସ୍ତର ବୃଦ୍ଧି ପାଇ ବସ୍ତା ବ୍ଲକରେ ଚଳିତ ବର୍ଷ ଦ୍ୱିତୀୟ ଥର ପାଇଁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଏହାଦ୍ୱାରା ବ୍ଲକର ପ୍ରାୟ ୧୦ ରୁ ୧୨ଟି ପଂଚାୟତର ଜନଜୀବନ ଗୁରୁତର ଭାବେ ପ୍ରଭାବିତ ହେବା ସହ ବ୍ୟାପକ କ୍ଷୟକ୍ଷତି ଘଟିଛି । ଏହି ପରିପ୍ରେକ୍ଷୀରେ ବସ୍ତା ବିଧାୟିକା ସୁବାସିନୀ ଜେନା ଶୁକ୍ରବାର ଦିନ ବିଭିନ୍ନ ବନ୍ୟା ପ୍ରଭାବିତ ଅଂଚଳ ଗସ୍ତ କରି ସ୍ଥିତିର ତୃଣମୂଳ ସମୀକ୍ଷା କରିବା ସହ ଲୋକଙ୍କ ଦୁଃଖସୁଖ ବୁଝିଛନ୍ତି । ପରିଦର୍ଶନ କ୍ରମରେ ବିଧାୟିକା ପ୍ରଥମେ ଦୁଧହଂସା ପଂଚାୟତର ଗୋଠଗଡ଼ିଆ, ଆଦିବାସୀ ସାହି ଓ ନଳବାହାର ଗ୍ରାମକୁ ଯାଇ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲେ । ବନ୍ୟା ବିପନ୍ନଙ୍କ ପାଇଁ ତୁରନ୍ତ ରନ୍ଧାଖାଦ୍ୟ ଓ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବାକୁ ସେ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ । ଏହାପରେ ସେ ମଥାନୀ ପଂଚାୟତର ବନ୍ୟାପ୍ଲାବିତ ଗ୍ରାମଗୁଡ଼ିକ ଏବଂ ସଦାନନ୍ଦପୁର ପଂଚାୟତର ଗୁଣ୍ଡୁରିସାହି ଅଂଚଳ ବୁଲି ସ୍ଥାନୀୟ ବାସିନ୍ଦାଙ୍କ ସମସ୍ୟା ଶୁଣିଥିଲେ ଏବଂ ସେଗୁଡ଼ିକର ତୁରନ୍ତ ସମାଧାନ ନିମନ୍ତେ ବିଭାଗୀୟ ଅଧିକାରୀମାନଙ୍କୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ କହିଥିଲେ ।ବନ୍ୟା ସମୟରେ ଲୋକଙ୍କ ସୁରକ୍ଷା, ବିଶୁଦ୍ଧ ପାନୀୟ ଜଳ, ସ୍ୱାସ୍ଥ୍ୟସେବା, ଖାଦ୍ୟ ଓ ଅନ୍ୟାନ୍ୟ ମୌଳିକ ସୁବିଧା ଯୋଗାଣ ଯେପରି ବାଧାପ୍ରାପ୍ତ ନହୁଏ, ସେଥିପ୍ରତି ସର୍ବାଧିକ ଗୁରୁତ୍ୱ ଦେଇ ଯୁଦ୍ଧକାଳୀନ ଭିତିରେ କାର୍ଯ୍ୟ କରିବାକୁ ବିଧାୟିକା ପ୍ରଶାସନିକ ଅଧିକାରୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି । ବିଧାୟିକା ସୁବାସିନୀ ଜେନାଙ୍କ ଏହି ଗସ୍ତ ସମୟରେ ସ୍ଥାନୀୟ ଜନପ୍ରତିନିଧି, ବରିଷ୍ଠ ନେତୃବୃନ୍ଦ, ବିଭାଗୀୟ ଅଧିକାରୀ ଓ ବହୁ ସଂଖ୍ୟାରେ ଗ୍ରାମବାସୀ ଉପସ୍ଥିତ ଥିଲେ ।

# ବନ୍ୟା ପ୍ରଭାବିତ ଅଂଚଳ ପରିଦର୍ଶନ କଲେ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ

ବାଲେଶ୍ୱର(ନି.ପ୍ର.) ଲଗାତାର ଭୀଷଣ ବର୍ଷାର ପ୍ରଭାବରେ ରେମୁଣା ନିର୍ବାଚନ ମଣ୍ଡଳୀର ବିଭିନ୍ନ ଅଂଚଳରେ ଜଳସ୍ତର ବୃଦ୍ଧି ପାଇ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ତଳିଆ ଅଂଚଳ ଗୁଡିକରେ ପାଣି ପ୍ରବେଶ କରି ଲୋକମାନେ ଜଳବନ୍ଦୀ ଅବସ୍ଥାରେ ଅଛନ୍ତି । ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ସରକାରୀ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଶ୍ରୀ ଗୋବିନ୍ଦ ଚନ୍ଦ୍ର ଦାସ ନିଜ ନିର୍ବାଚନ ମଣ୍ଡଳୀର ବିଭିନ୍ନ ପ୍ରଭାବିତ ଅଂଚଳ ପରିଦର୍ଶନ କରିଥିଲେ । ସେ ହରିପୁର, ଦହପଡ଼ା, ନିଜାମପୁର ଆଦି ପଂଚାୟତ ଗୁଡ଼ିକୁ ବୁଲି ସ୍ଥିତିର ସମୀକ୍ଷା କରିଥିଲେ ।ପରିଦର୍ଶନ ସମୟରେ ବିଧାୟକ ଶ୍ରୀ ଦାସ ପ୍ରଭାବିତ ଲୋକଙ୍କ ସହିତ ସକ୍ଷାତ କରି ତାଙ୍କ ସମସ୍ୟା ବିଷୟରେ ବୁଝିଥିଲେ । ଏଥି ସହିତ ଆବଶ୍ୟକ ସ୍ଥାନରେ ପ୍ରଭାବିତ ପରିବାରମାନଙ୍କୁ ଶୁଖିଲା ଖାଦ୍ୟ ବ[ନ କରାଯାଇଥିଲା ।ଲଗାତାର ଦ୍ୱିତୀୟ ଥର ଲଗାଣ ବର୍ଷା ହେବାରୁ ଅନେକ ଅଂଚଳରେ ପାଣି ଜମି ରହିଥିବା ସହ ଲୋକମାନେ ଜଳବନ୍ଦୀ ଅବସ୍ଥାରେ ଅଛନ୍ତି । ଏହି ପରିପ୍ରେକ୍ଷିରେ ସମସ୍ତ ପ୍ରଭାବିତଙ୍କୁ ଆବଶ୍ୟକ ସହାୟତା ଯୋଗାଇବା, ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରାଯିବା ପାଇଁ ବିଭିନ୍ନ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିବା ବିଧାୟକ କହିଥିଲେ ।



# ୮୦ତମ ସ୍ୱାଧୀନତା ଦିବସ ପୂର୍ବରୁ ପୋଲିସ ପ୍ୟାରେଡ ଗ୍ରାଉଣ୍ଡ ରେ ପ୍ୟାରେଡ ଅଭ୍ୟାସ



ବାଲେଶ୍ୱର (ନି.ପ୍ର.) ଅଗଷ୍ଟ ପନ୍ଦର ତାରିଖ । ଭାରତୀୟ ଜନସାଧାରଣ ଦେଶ ବ୍ୟାପି ୮୦ତମ ସ୍ୱାଧୀନତା ଦିବସ ପାଳନ କରିବାକୁ ଯାଉଛନ୍ତି । ଏହି ପରିପ୍ରେକ୍ଷୀ ରେ ବାଲେଶ୍ୱର ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱାଧୀନତା ଦିବସ କୁ ମହା ଆଡମ୍ବର ରେ ପାଳନ କରିବା ପାଇଁ ପ୍ରସ୍ତୁତି ପର୍ବ ଚୂଡାନ୍ତ ହୋଇଛି । ବାଲେଶ୍ୱର ପୋଲିସ ପ୍ୟାରେଡ ପଡିଆ ରେ ପୋଲିସ ବାହିନୀ ଜିଲ୍ଲା ପୋଲିସ ବାହିନୀ, ବିଭିନ୍ନ ସରକାରୀଏବଂ ଘରୋଇ ମହାବିଦ୍ୟାଳୟ, ସରକାରୀ ଓ ଘରୋଇ ବିଦ୍ୟାଳୟ ର ଛାତ୍ର ଛାତ୍ରୀ, ସମର ଶିକ୍ଷାର୍ଥୀ ବାହିନୀ ର କ୍ୟାଡେଟ ମାନେ ଅଂଶ ଗ୍ରହଣ କରିବେ । ଏହା ସହିତ ପୋଲିସ ବାହିନୀ ର ବ୍ୟାଣ୍ଡ ବାଦକ ଦଳ ର ଧୁନ ର ତାଳେ ତାଳେ ପ୍ୟାରେଡ ଅନୁଷ୍ଠିତ ହେବାକୁ ଯାଉଛି । ପ୍ୟାରେଡ କୁ ନିର୍ଭୁଲ କରିବା ଲାଗି ଗତ ଦୁଇ ଦିନ ଧରି ଏହି ପଡିଆ ରେ ଅଭ୍ୟାସ ଜାରି ରହି ଥିବା ବେଳେ ଆଜି ପୋଲିସ ରିଜର୍ଭ ବାହିନୀ ର ସହକାରୀ କମାଣ୍ଡା[ ଙ୍କ ଉପସ୍ଥିତି ରେ ଅନ୍ତିମ ଅଭ୍ୟାସ ପ୍ୟାରେଡ ପୂର୍ବାହ୍ନ ଦଶ ଟା ରେ ଆରମ୍ଭ ହୋଇ ଏଗାର ଟା ରେ ସମାପ୍ତ ହୋଇଥିଲା । ପୋଲିସ ବ୍ୟାଣ୍ଡ ବାଦକ ଦଳ ସମେତ ମୋଟ ୫୫ଟି ଟିମ ଆଜିର ଅଭ୍ୟାସ ପ୍ୟାରେଡ ରେ ଅଂଶ ଗ୍ରହଣ କରିଥିଲେ । ଏହି ଅବସର ରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ର ଅଧିକାରୀ ଓ କର୍ମଚାରୀ ମାନେ ସହଯୋଗ କରିଥିଲେ ।

# ଡବଲ ଇଞ୍ଜିନରେ ଆନ୍ତରିକତା କମ୍; ଆତ୍ମବଡ଼ିମା ବେଶୀ: ବିଜେଡି




ବାଲେଶ୍ୱର(ନି.ପ୍ର.): ଶୁକ୍ରବାର ବାଲେଶ୍ୱର ଜିଲ୍ଲା ବିଜେଡି ପକ୍ଷରୁ ସ୍ଥାନୀୟ ଷ୍ଟେସନ କ୍ଲବ ଠାରେ ସରକାରୀ ଅବ୍ୟବସ୍ଥାକୁ ନେଇ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଜିଲ୍ଲା ବିଜେଡିର ବରିଷ୍ଠ ନେତୃତ୍ୱମାନେ ଉପସ୍ଥିତ ରହି ସ୍ୱାସ୍ଥ୍ୟ, କୃଷି, ଶିକ୍ଷା, ଜଳବନ୍ଦୀ, ପ୍ରଶାସନିକ ଅଧିକାରୀ ସରକାରଙ୍କ ହାତବାରିସୀ ସାଜିବା ଆଦି ପ୍ରସଙ୍ଗରେ ବିଜେପି ସରକାରକୁ ଘେରିବା ସହ ଏସବୁର ଆଶୁ ସମାଧାନ ପାଇଁ ଦାବି କରିଛନ୍ତି ।ଭାରତୀୟ ଜନତା ପାର୍ଟିର ନେତୃତ୍ୱମାନେ ମିଛ ପ୍ରଚାର ଓ ଆତ୍ମବଡ଼ିମା ମାଧ୍ୟମରେ ବାଲେଶ୍ୱର ବାସୀଙ୍କୁ ଭୁଆଁ ବୁଲାଉଥିବା ବିଜେଡି ଅଭିଯୋଗ ଆଣିଛି । ନିଜସ୍ୱ ହାତ ପାଣ୍ଠିରୁ ୯୦ ପ୍ରତିଶତ ଅର୍ଥ ଖର୍ଚ୍ଚ କରିବାରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଅକ୍ଷମତା ପ୍ରକାଶ କରୁଛନ୍ତି । ଅପରପକ୍ଷେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବାଲେଶ୍ୱରରେ ସ୍ୱାସ୍ଥ୍ୟସେବା ଭିତିଭୂମିର ଉନ୍ନତି ପାଇଁ ସାଂସଦ ପାଣ୍ଠିରୁ ୩ କୋଟି ୧୦ ଲକ୍ଷ ଦେଉଥିବା କହି ଶ୍ରୀ ଷଡ଼ଙ୍ଗୀ ପ୍ରଚାର କରୁଛନ୍ତି, ଯାହା ହାସ୍ୟାସ୍ପଦ । ସେହିପରି ଡବଲ ଇଞ୍ଜିନ ସରକାର ୨ ବର୍ଷ ଭିତରେ ବାଲେଶ୍ୱରର ଫକୀରମୋହନ ମେଡିକାଲ କଲେଜରେ ଗୋଟିଏ ଏମଆରଆଇ ଓ ସିଟି ସ୍କାନ ମେସିନ ଲଗାଇ ପାରିନାହିଁ । ବାଲେଶ୍ୱରବାସୀଙ୍କ ମୂଳ ଦାବି ଏମ୍ସ ସାଟେଲାଇଟ ସେ[ରକୁ ୩ ଶହ ଶଯ୍ୟା ହସ୍ପିଟାଲରେ ପରିଣତ କରିବାର ପ୍ରତିଶ୍ରୁତି ଦେଇ ଭୁଲି ଯାଇଥିବା ଡବଲ ଇଞ୍ଜିନ ସରକାରର ମନ୍ତ୍ରୀ ଓ ସାଂସଦ ଏଭଳି ଖୁଚୁରା ଅନୁଦାନ ଦେଇ ବାଲେଶ୍ୱରବାସୀଙ୍କ ସ୍ୱାଭିମାନ ଓ ଭାବାବେଗ ସହ ଖେଳୁଥିବା ବିଜୁ ଜନତା ଦଳ ପ୍ରକାଶ କରିଛି । ଅନୁରୂପ ବାରମ୍ବାର ବାଲେଶ୍ୱର ସହର ବର୍ଷା ଜଳରେ ଉବୁଟୁବୁ ହେଉଥିବା ବେଳେ ବିଜେପି ବିଧାୟକ ଓ ନେତା ବିଭିନ୍ନ ଯୋଜନାରେ ଟଙ୍କା ଖର୍ଚ୍ଚ ହୋଇଥିବା କହି ବାହାସ୍ଫୋଟ ମାରୁଛନ୍ତି । କ୍ରମାଗତ ଭାବେ ସାରା ଜିଲ୍ଲାରେ ବନ୍ୟାର ବିଭୀଶିଖା ଦେଖା ଦେଉଥିବା ବେଳେ ଲୋକଙ୍କ ପାଖରେ ସରକାରୀ ସହଯୋଗ ସଠିକ ଭାବେ ପହଂଚିପାରୁନି । ରନ୍ଧାଖାଦ୍ୟ, ରିଲିଫ ଓ ଅନ୍ୟାନ୍ୟ ସୁବିଧା ସଠିକ ଭାବେ ଅପହଂଚ ହେଉଛି । ଚାଷୀଙ୍କ ଠାରୁ ଧାନ ନ କିଣିବା ପାଇଁ ନାନା ପ୍ରକାର ଜଟିଳ ପ୍ରକ୍ରିୟା ସରକାର କରୁଛନ୍ତି । ଖନ୍ତାପଡ଼ା ଠାରେ ରେଳ ବ୍ରିଜ ନିର୍ମାଣ ନେଇ ମନ୍ତ୍ରୀଙ୍କ ଚିଠି ସତ୍ୱେ ବର୍ତମାନ ସୁଦ୍ଧା ଏହାର କାର୍ଯ୍ୟ ଆରମ୍ଭ ହୋଇପାରୁନି । ସେହିପରି ବିଭିନ୍ନ ସ୍ଥାନରେ ପ୍ରଶାସନିକ କଳ ନିରପେକ୍ଷତା ଅବଲମ୍ବନ କରିବା ପରିବର୍ତେ ସରକାରୀ ଦଳର ନେତାଙ୍କ ହାତ ବାରିସୀ ସାଜୁଛି । ସର୍ବୋପରି ଡବଲ ଇଞ୍ଜିନରେ ବିକାଶ ପାଇଁ ଆନ୍ତରିକତା କମ୍ ଓ ମିଥ୍ୟା ପ୍ରଚାର ଅଧିକ ହେଉଥିବା ବିଜେଡି ଅଭିଯୋଗ ଆଣିଛି । ବିଜେଡି ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, କାର୍ଯ୍ୟକାରୀ ସଭାପତି ତଥା ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ପୂର୍ବତନ ନୀଳଗିରି ବିଧାୟକ ସୁକାନ୍ତ ନାୟକ, ବାଲେଶ୍ୱର ସଦରର ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାସ ଓ ସ୍ୱରୂପ କୁମାର ଦାସ, ରେମୁଣାର ପୂର୍ବତନ ବିଧାୟକ ସୁଧାଂଶୁ ଶେଖର ପରିଡ଼ା ପ୍ରମୁଖ ସାମ୍ବାଦିକ ସମ୍ମିଳନୀରେ ଏପରି ଆରୋପ ଆଣିଥିବା ବେଳେ ଜିଲ୍ଲା ସାଧାରଣ ସମ୍ପାଦକ ରଞ୍ଜନ ବାଗ ଓ ଯୁବ ଜନତାର ରାଜ୍ୟ କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ଦାସ ମଙ୍ଗରାଜ ମଂଚାସୀନ ଥିଲେ । ବିଜେଡିର ଅନ୍ୟାନ୍ୟ ନେତୃତ୍ୱଙ୍କ ମଧ୍ୟରେ ପୌର ଉପାଧ୍ୟକ୍ଷ କୈଳାଶ ସେଠୀ, ବିଜେଡି ଟାଉନ ସଭାପତି ମନୋଜ କୁମାର ରାଉତ, ରେମୁଣା ବ୍ଲକ ସଭାପତି ଅଭିମନ୍ୟୁ ଦିନ୍ଦା, କାଉନସିଲର କାର୍ତିକ ସାହୁ ଓ ଆୟୁବ ଖାଁ, ପୂର୍ବତନ କାଉନସିଲର ବିଶ୍ୱଜିତ ମହାପାତ୍ର, ରମେଶ ମାଝୀ, ସେକ ସାକିର ଓ ସଞ୍ଜୟ ବେହେରା, ଯୁବନେତା ସେକ ଅନସର ଅଲ୍ଲୀ, ସୁବୋଧ ମହାନ୍ତି, ଅତୁଲ ଶତପଥୀ, ରୀତିକ ଜୀ, ନଳିନୀ ରଞ୍ଜନ ଦାସ, ଯୁବନେତା ଉମାଶଙ୍କର ତିଆଡ଼ି, ଛାତ୍ରନେତା ହରେକୃଷ୍ଣ ପ୍ରଧାନ, ବିନୋଦ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ ।

# ଗ୍ରାହକଙ୍କୁ ଗୁଣାତ୍ମକ ସେବା ଯୋଗାଇବା କ୍ଷେତ୍ରରେ ବିଏସଏନଏଲ୍ ଅଙ୍ଗୀକାରବଦ୍ଧ



ବାଲେଶ୍ୱର(ନି.ପ୍ର.): ଭାରତୀୟ ସଂଚାରନିଗମ ଲିମିଟେଡ୍ ସର୍ବଭାରତୀୟସ୍ତରରେ ଗ୍ରାହକଙ୍କୁ ଗୁଣାତ୍ମକ ସେବା ଯୋଗାଇବା କ୍ଷେତ୍ରରେ ଅଙ୍ଗୀକାରବଦ୍ଧ ବୋଲି ବାଲେଶ୍ୱର ଶାଖାର ଜିଏମ୍ ପି.କେ.ମହାପାତ୍ର ମତବ୍ୟକ୍ତ କରିଛନ୍ତି । ୧୪ ତାରିଖ ଅପରାହ୍ନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି କି, ୨୦୨୬, ଅଶୀତମ ସ୍ୱାଧୀନତା ଦିବସ ଅବସରରେ ବିଏସଏନଏଲ ବିଭିନ୍ନ ଯୋଜନା ତୃଣମୂଳସ୍ତରରେ କାର୍ଯ୍ୟକାରୀ କରାଇବା ସଂଗେ ସଂଗେ ଗତ ୧୨.୮.୨୬ ତାରିଖ ଠାରୁ ଆସନ୍ତା ୧୨.୯.୨୬ ତାରିଖ ପର୍ଯ୍ୟନ୍ତ ଏକ ଟଙ୍କା ମୂଲ୍ୟରେ ସିମ୍ ଯୋଗାଇଦେବାକୁ ସଂକଳ୍ପ ନେଇ ଗ୍ରାହକଙ୍କୁ ଯୋଗାଉଛି । ତା'ଛଡ଼ା ଇତିମଧ୍ୟରେ ବିଏସଏନଏଲ ୨୫ବର୍ଷ ପୂର୍ତି ଉତ୍ସବ ପାଳନ କରି ସର୍ବଭାରତୀୟସ୍ତରରେ ଗ୍ରାହକଙ୍କୁ ଗୁଣାତ୍ମକ ସେବା ଯୋଗାଉଛି । ସେହିପରି ମୋବାଇଲ କ୍ଷେତ୍ରରେ ୨ଜିରୁର ୩ଜି, ୪ଜିର ବ୍ୟବସ୍ଥା କରାଇବା ସଂଗେ ସଂଗେ ୫ ଜି ପାଇଁ କ୍ଷେତ୍ର ପ୍ରସ୍ତୁତ କରି ରୂପାନ୍ତରିତ କାର୍ଯ୍ୟ ଆରମ୍ଭ କରିଛି । ବାଲେଶ୍ୱର ଶାଖା ଅଧିନରେ ଭଦ୍ରକ, ବାଲେଶ୍ୱର ଓ ମୟୂରଭଂଜ ତିନୋଟି ଜିଲ୍ଲା କାର୍ଯ୍ୟକ୍ଷମ ହେଉଥିବା ବେଳେ ୩୪ ଟି ଟାୱାରକୁ ନେଇ ୬୨୦ ଟାୱାର ବର୍ତମାନ ସୃଷ୍ଟି କରାଯାଇଛି । ବାଲେଶ୍ୱର ଓ ଭଦ୍ରକରେ ୩୧୧ଟି ଟାୱାର, ମୟୂରଭଂଜରେ ୩୦୯ଟି ଟାୱାର ବସାଯିବାର ବ୍ୟବସ୍ଥା ହୋଇଛି । ଅପହଂଚ ଏରିଆରେ ବିଏସଏନଏଲ ଗ୍ରାହକଙ୍କୁ ଗୁଣାତ୍ମକ ସର୍ଭିସ ଯୋଗାଇଦେବ । ସେହିପରି ମୟୂରଭଂଜରେ ୪ଜି ପାଇଁ ୭୭ଟି ଟାୱାର, ବାଲେଶ୍ୱର ଜିଲ୍ଲାରେ ଉଚ୍ଚଶକ୍ତି ସମ୍ପନ୍ନ ୫ଟି ଟାୱାର ଏବଂ ୯ଟି ଟାୱାର ବ୍ୟବସ୍ଥା କରାଯିବା ସହ ଏଲଡବ୍ଲ୍ୟୁ ପ୍ରୋଜେକ୍ଟ କ୍ୟାଟେଗୋରୀ ଅନୁଯାୟୀ ମୟୂରଭଂଜରେ ୩୫ରୁ ୪୦ଟି ଟାୱାର., ଗ୍ରାମାଂଚଳରେ ଗୁରୁତ୍ୱ ଅଧିକ ଦିଆଯାଉଥିବାର ଘୋଷଣା କରିଥିଲେ । ତା'ଛଡ଼ା ୫ଜି ପାଇଁ ଏବେଠାରୁ ଟ୍ରାଏଲ କାର୍ଯ୍ୟ ଯୁଦ୍ଧକାଳୀନ ଭିତିରେ ଆରମ୍ଭ ହୋଇଛି ବୋଲି ମତବ୍ୟକ୍ତ କରିଛନ୍ତି ଜି.ଏମ୍ ପି.କେ. ମହାପାତ୍ର । ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶରତ କୁମାର ଗିରି, ମନୋରଂଜନ ସିଂ(ଡିଜିଏମ) ସିଏଫଏ, ଡିଜିଏମ ଏମଡବ୍ଲ୍ୟୁ ରାମାରାୟ ସୋରେନ ପ୍ରମୁଖ ଉପସ୍ଥିତ ଥିଲେ ।

# କଂଗ୍ରେସ ପକ୍ଷରୁ ପଦଯାତ୍ରା ଓ ସତ୍ୟାଗ୍ରହ

ବାଲେଶ୍ୱର(ନି.ପ୍ର.)ଅଖିଳ ଭାରତ କଂଗ୍ରେସ କମିଟିର ଆହ୍ୱାନ ଓ ପ୍ରଦେଶ କଂଗ୍ରେସର ନିର୍ଦ୍ଦେଶ କ୍ରମେ ଆଜି ସନ୍ଧ୍ୟାରେ ବାଲେଶ୍ୱର ଜିଲ୍ଲା କଂଗ୍ରେସ ପକ୍ଷରୁ ପଦଯାତ୍ରା ଓ ସତ୍ୟାଗ୍ରହ ଅନୁଷ୍ଠିତ ହୋଇଯାଇଛି । ଉତରାଖଣ୍ଡର ହଲଦ୍ୱାଇ ଠାରେ ଅନୁଷ୍ଠିତ କଂଗ୍ରେସ ସମାବେଶରେ ଅଖିଳ ଭାରତ କଂଗ୍ରେସ କମିଟି ସଭାପତି ମଲିକାରଜୁନ ଖାଡଗେ ଯୋଗ ଦେଇ ଆସିବା ପରେ ସେ ଜଣେ ଦଳିତ ହୋଇଥିବାରୁ ସଭାସ୍ଥଳକୁ ବିଜେପିର ଦକ୍ଷିଣପନ୍ଥୀ ସଂଗଠନ ଗଙ୍ଗାଜଳ ପକାଇ ଶୁଦ୍ଧିକରଣ କରିଥିଲେ । ଏଭଳି ବିଭେଦ ଓ ଅସ୍ପୃଶ୍ୟତା ବିରୋଧରେ ବାଲେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ସତ୍ୟ ଶିବ ଦାସଙ୍କ ନେତୃତ୍ୱରେ ଆଜି ଏହି ପଦଯାତ୍ରା ଓ ସତ୍ୟାଗ୍ରହ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା କଂଗ୍ରେସ ପକ୍ଷରୁ ସହରର ଷ୍ଟେସନ୍ ଛକଠାରୁ ପଦଯାତ୍ରା ବାହାରି ପୁଲିସ ଲାଇନ୍ ଛକ ନିକଟସ୍ଥ ଆମ୍ବେଦକରଙ୍କ ପ୍ରତିମୂର୍ତି ନିକଟରେ ପହଂଚିଥିଲା । ସେଠାରେ ସତ୍ୟାଗ୍ରହ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ସିମୁଳିଆ ନେତା ହିମାଂଶୁ ବେହେରା, ଜିଲ୍ଲା କଂଗ୍ରେସ ଉପସଭାପତି ସରୋଜ ଲେଙ୍କା, ଗୋପୀନାଥ ପାଢ଼ୀ, ପ୍ରଭାସ ପଣ୍ଡା, ସଞ୍ଜୟ ଦଳେଇ, ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ଉର୍ମିଳା ମାଝୀ, ରାଜ୍ୟ ମହିଳା କଂଗ୍ରେସ ସାଧାରଣ ସମ୍ପାଦିକା ବାସନ୍ତୀ ସାମଲ, ରାଜ୍ୟ ସଂପାଦିକା ଜ୍ୟୋତ୍ସ୍ନା ସେନାପତି, ପ୍ରତିମା ପଣ୍ଡା, ମହିଳା ନେତ୍ରୀ ହେମଲତା ଦାସ, ସାଇନ୍ ଅକତର, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ତୁଷାରକାନ୍ତି ତପସ୍ୱୀ, ନିଶିଥ ବାରିକ, ଆଶିଷ ପଟ୍ଟନାୟକ, ବିଜୟ ମହାନ୍ତି, କେଶବ ନାୟକ, ଯୋଗେଶ୍ୱର ବେହେରା, ଜିଲ୍ଲା ଦଳିତ ସେଲ୍ ସଭାପତି ବିଧାନ ଜେନା, ଚାଷୀ ମୂଳିଆ ନେତା ଅରୁଣ ଜେନା, ରେମୁଣା ବ୍ଲକ ସଭାପତି କହ୍ନେଇ ବେହେରା, ନୀଳଗିରି ବ୍ଲକ ସଭାପତି ତପନ ରାଉତ, ଟାଉନ୍ କଂଗ୍ରେସ ସଭାପତି ଅନୁପ ସ୍ୱାଇଁ, ଜିଲ୍ଲା ସମ୍ପାଦକ ଶ୍ରୀକାନ୍ତ ବୁଗୁଡ଼ାଇ, ପଶୁପତି ଉପାଧ୍ୟାୟ, କୋଷାଧ୍ୟକ୍ଷ କାନ୍ତିଲାଲ୍ ନାୟକ, ତରୁଣ ଦାସ, ନିରଞ୍ଜନ ବେହେରାଙ୍କ ସମେତ ବହୁ ବରିଷ୍ଠ ନେତା ଯୋଗ ଦେଇଥିଲେ ।



# ହର ଘର ତିରଙ୍ଗା ୨୦୨୬ ଅବସରରେ ବାଲେଶ୍ୱରରେ ପାଳିତ ହେଲା ବିଭାଜନ ବିଭୀଷିକା ସ୍ମୃତି ଦିବସ



ବାଲେଶ୍ୱର,(ନି.ପ୍ର.) ହର ଘର ତିରଙ୍ଗା ୨୦୨୬" ଉପଲକ୍ଷେ "ବିଭାଜନ ବିଭୀଷିକା ସ୍ମୃତି ଦିବସ" ୧୪ ଅଗଷ୍ଟ ୨୦୨୬ ଦିନ ଜିଲ୍ଲାପାଳଙ୍କ ଅଡିଟୋରିୟମ ହଲ, ବାଲେଶ୍ୱରଠାରେ ପୂର୍ବାହ୍ନ ୧୦.୦୦ ଘଟିକା ସମୟରେ ପାଳିତ ହୋଇଯାଇଅଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ସାଂସଦ, ବାଲେଶ୍ୱର ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦର ଅଧକ୍ଷ ଶ୍ରୀଯୁକ୍ତ ନାରାୟଣ ପ୍ରଧାନ, ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ, ବାଲେଶ୍ୱର ପୌରପାଳିକାର ପୌରାଧକ୍ଷା ଶ୍ରୀମତୀ ସବିତା ସାହୁ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ତପନ କୁମାର ଖୁଣ୍ଟିଆ ଓ ଜିଲ୍ଲା ପରିଷଦର ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଡ଼. ମଧୁସ୍ମିତା ସାମନ୍ତରାୟ ଯୋଗଦେଇଥିଲେ । ଏହି ସମାରୋହରେ ମୁଖ୍ୟ ଅତିଥି ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଭାରତର ପ୍ରାଚୀନ ଇତିହାସ ବର୍ଣ୍ଣନା କରିବା ସହ ସ୍ୱାଧୀନତା ସଂଗ୍ରାମୀ ମାନଙ୍କର ତ୍ୟାଗ ଓ ବଳିଦାନ ଏବଂ ଭାରତ ବିଭାଜନର ସାମ୍ପ୍ରତିକ ପରିସ୍ଥିତି ବିଷୟରେ ଆଲୋକପାତ କରିଥିଲେ । ଅନ୍ୟାନ୍ୟ ଅତିଥି ବୃନ୍ଦ ଭାରତ ବିଭାଜନର ସ୍ମୃତି ଚାରଣ କରିବା ସହ ଭାରତର ସାର୍ବଭୌମତା ରକ୍ଷା ନିମନ୍ତେ ସମସ୍ତେ ଚେଷ୍ଟିତ ହେବାକୁ ଉଲ୍ଲେଖ କରିଥିଲେ । ଏହି ଅବସରରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ, ରାଷ୍ଟ୍ରୀୟ ଗୀତ ବନ୍ଦେ ମାତରମ ଓ ଜାତୀୟ ସଙ୍ଗୀତ ଜନ ଗଣ ମନର ସମୂହ ଗାନ, ଶହୀଦଙ୍କ ସ୍ମୃତି ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା, ଫଟୋ ପ୍ରଦର୍ଶନୀ ଏବଂ ବିଭାଜନ ବିଭୀଷିକା ସ୍ମୃତି ଦିବସ ଉଦ୍ଦେଶ୍ୟରେ ପ୍ରସ୍ତୁତ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇଥିଲା । କାର୍ଯ୍ୟକ୍ରମ ଶେଷରେ ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଡ଼. ମଧୁସ୍ମିତା ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ ।

ଆଜି - ଶନିବାର
ତାରିଖ - ୧୫ ଅଗଷ୍ଟ ୨୦୨୬
ମାସ - କର୍କଟ, ଦିନ - ୩୦
ତିଥି - ତୃତୀୟା ପକ୍ଷ- ଶୁକ୍ଳ
ନକ୍ଷତ୍ର - ଉ. ଫାଲ୍‌ଗୁନୀ, ସିଂହ ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୩୦ : ୦୦
ସୂର୍ଯ୍ୟାସ୍ତ - ୬ : ୧୭: ୦୦

# ଆଜିକାଲି
THE AJIKALI

ସତ ଖବର ସମସ୍ତଙ୍କ ଖବର
E-mail: ajikalibls@gmail.com

Morning Edition
ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି

Vol.- 41 ISSUE- 123 R.N.I. REGD. No. 44026/86 ବାଲେଶ୍ୱର ୧୫ ଅଗଷ୍ଟ ୨୦୨୬ ଶନିବାର BALASORE 15 AUGUST 2026 SATURDAY “REGISTERED” REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦

## ୮୦ତମ ସ୍ୱାଧୀନତା ଦିବସରେ ଭୁବନେଶ୍ୱରରେ ପତାକା ଉତ୍ତୋଳନ କରିବା ସହ ରାଜ୍ୟବାସୀଙ୍କୁ ସମ୍ବୋଧିତ କରିବେ ମୁଖ୍ୟମନ୍ତ୍ରୀ


ଭୁବନେଶ୍ୱର: ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜଧାନୀର ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମରେ ଯୋଗଦେବେ । ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କଳାହାଣ୍ଡି, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୁନ୍ଦରଗଡ଼, ମନ୍ତ୍ରୀ ସୁରେଶ ପୂଜାରୀ କଟକ, ମନ୍ତ୍ରୀ ରବି ନାରାୟଣ ନାଏକ ଅନୁଗୋଳ, ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମାଲକାନଗିରି, ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ସମ୍ବଲପୁର,



ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗଞ୍ଜାମ, ମନ୍ତ୍ରୀ ମୁକେଶ ମହାଲିଙ୍ଗ ରାୟଗଡ଼ା, ମନ୍ତ୍ରୀ ବିଭୂତି ଭୂଷଣ ଜେନା କନ୍ଧମାଳ, ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର ଖୋର୍ଦ୍ଧା, ମନ୍ତ୍ରୀ ଗଣେଶ ରାମ ସିଂ ଖୁଂଟିଆ ପୁରୀ, ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବଲାଙ୍ଗୀର, ମନ୍ତ୍ରୀ ପ୍ରଦୀପ କୁମାର ବଳସାମନ୍ତ ବାଲେଶ୍ୱର, ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଗଜପତି, ମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ କୋରାପୁଟ, ଜଗତସିଂହପୁରରେ ଉପକୂଳ ଆରଡିସି, ବ୍ରହ୍ମପୁରରେ ଦକ୍ଷିଣାଂଚଳ ଆରଡିସି, ବରଗଡ଼, ଭଦ୍ରକ, ବୌଦ୍ଧ, ଦେବଗଡ଼, ଢେଙ୍କାନାଳ, ଯାଜପୁର, ଝାରସୁଗୁଡ଼ା, କେନ୍ଦ୍ରାପଡ଼ା, କେନ୍ଦୁଝର, ମୟୂରଭଞ୍ଜ, ନବରଙ୍ଗପୁର, ନୟାଗଡ଼, ନୂଆପଡ଼ା ଓ ସୋନପୁରରେ ସ୍ଥାନୀୟ ଜିଲାପାଳମାନେ ପତାକା ଉତୋଳନ କରିବେ । ରାଉରକେଲାରେ ଏଡିଏମ୍ ପତାକା ଉତୋଳନ କରିବେ ।

## ମୋଦୀ ସରକାର ବିଦେଶରେ ଲୁଚି ନିଶା କାରବାର କରୁଥିବା ବ୍ୟକ୍ତିଙ୍କୁ ଖୋଜି ବାହାର କରୁଛନ୍ତି: ଅମିତ ଶାହ

ନୂଆଦିଲ୍ଲୀ/ଭୁବନେଶ୍ୱର: ଅନ୍ତର୍ଜାତୀୟ ନାର୍କୋଟିକ୍ସ ସିଣ୍ଡିକେଟ୍ ବିରୁଦ୍ଧରେ ଲଢ଼େଇରେ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରି, ନାର୍କୋଟିକ୍ସ କଂଟ୍ରୋଲ ବ୍ୟୁରୋ (ଏନସିବି) ଦିଲ୍ଲୀର ସରୋଜିନୀ ନଗରର ପିଲ୍ଲଞ୍ଜି ବାସିନ୍ଦା ପଳାତକ ବୀରେନ୍ଦ୍ର ସିଂ ବସୋୟାଙ୍କୁ ଭାରତକୁ ଫେରାଇ ଆଣିଛି । ଆଜି ସକାଳେ ନୂଆଦିଲ୍ଲୀର ଆଇ. ଜି. ଆଇ. ବିମାନ ବନ୍ଦରରେ ପହଂଚିବା ପରେ ତାଙ୍କୁ ଗିରଫ କରାଯାଇଥିଲା । ଏନ. ସି. ବି. ର ଅନୁରୋଧ କ୍ରମେ ପ୍ରକାଶିତ ଏକ ଇଂଟରପୋଲ ରେଡ୍ ନୋଟିସ୍ ଅନୁଯାୟୀ ଜୁନ୍ ୨୬ରେ ସଂଯୁକ୍ତ ଆରବ ଏମିରେଟ୍ସ (ୟୁ.ଏ.ଇ.)ରେ ବସୋୟାଙ୍କୁ ଗିରଫ କରାଯାଇଥିଲା । ଭାରତୀୟ ଏଜେନ୍ସିଗୁଡ଼ିକ ଦ୍ୱାରା ୟୁ. ଏ. ଇ. କର୍ତ୍ତୃପକ୍ଷଙ୍କ ସହ ନିରନ୍ତର ସମନ୍ୱୟ ମାଧ୍ୟମରେ ତାଙ୍କର ଭାରତ ପ୍ରତ୍ୟାବର୍ତ୍ତନ ସୁରକ୍ଷିତ ହୋଇଥିଲା । ଏକ୍ସ ପ୍ଲାଟଫର୍ମରେ ଏକ ପୋଷ୍ଟରେ



କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି ଯେ ‘ମୋଦୀ ସରକାର ବିଦେଶରେ ଲୁଚି ରହିଥିବା ନିଶାଦ୍ରବ୍ୟ ଚୋରା ଚାଲାଣକାରୀଙ୍କୁ ନିରନ୍ତର ଟ୍ରାକ୍ କରୁଛନ୍ତି ଏବଂ ନିଷ୍ଠୁର ଆଭିମୁଖ୍ୟ ସହିତ ସେମାନଙ୍କର ସମଗ୍ର ଇକୋସିଷ୍ଟମକୁ ନଷ୍ଟ କରୁଛନ୍ତି । ନିଶାଦ୍ରବ୍ୟ ବିରୁଦ୍ଧରେ ଶୂନ୍ୟ ସହନଶୀଳତା ନୀତିରେ ଏକ ନୂତନ ମାଇଲଖୁଂଟ ସୃଷ୍ଟି କରି, ୟୁ.ଏ.ଇ. ରୁ ପଳାତକ ଡ୍ରଗ୍ କିଙ୍ଗ୍ ପିନ୍ ବୀରେନ୍ଦ୍ର ସିଂ ବସୋୟାଙ୍କୁ ଏନ୍. ସି. ବି. ଭାରତ ଫେରାଇ ଆଣିଛି । ଅପରାଧୀଙ୍କୁ ଠାବ କରି, ଆମର ଏଜେନ୍ସିମାନେ ପୁଣି ଥରେ ପ୍ରମାଣିତ କରିଛନ୍ତି ଯେ ନିଶାଦ୍ରବ୍ୟ ଚୋରା ଚାଲାଣକାରୀମାନେ ଯେଉଁଠି ଲୁଚି ରୁହନ୍ତୁ ନା କାହିଁକି, ସେମାନେ ଭାରତୀୟ ଆଇନର କବଳରୁ ରକ୍ଷା ପାଇପାରିବେ ନାହିଁ । ଏହି ମାମଲା ଫେବୃଆରୀ ୨୦୨୪ ରେ ପୁଣେରେ ଆରମ୍ଭ ହୋଇଥିଲା, ଯେତେବେଳେ ପୁଣେ ସିଟି ପୋଲିସ୍ ୫୦୦ ଗ୍ରାମ ମେଫେଡ୍ରୋନ ଜବତ କରିଥିଲା । ଏହା ପରେ ସମଗ୍ର ନିଶାଦ୍ରବ୍ୟ କାରବାର ନେଟୱାର୍କକୁ ଚିହ୍ନଟ କରିବା ଏବଂ ଭାଙ୍ଗିବା ପାଇଁ ଅନୁସନ୍ଧାନକୁ ବ୍ୟାପକ କରାଯାଇଥିଲା । ପରବର୍ତ୍ତୀ ଅନୁସନ୍ଧାନ ଏବଂ କାର୍ଯ୍ୟାନୁଷ୍ଠାନର ଫଳସ୍ୱରୂପ ପୁଣେରୁ ପ୍ରାୟ ୮୬୭ କିଲୋଗ୍ରାମ ଏବଂ ଦିଲ୍ଲୀରୁ ୯୭୦ କିଲୋଗ୍ରାମ ମେଫେଡ୍ରୋନ ଉଦ୍ଧାର କରାଯାଇଥିଲା । ପରବର୍ତ୍ତୀ ସମୟରେ ଏହି ମାମଲାକୁ ଅଧିକ ତଦନ୍ତ ପାଇଁ ଏନସିବିର ମୁମ୍ବାଇ ଜୋନାଲ ୟୁନିଟକୁ ସ୍ଥାନାନ୍ତର କରାଯାଇଥିଲା । ଅନୁସନ୍ଧାନରେ ବସୋୟାଙ୍କୁ ଜଣେ ପ୍ରମୁଖ ବିଦେଶୀ ଅପରେଟିଭ୍ ଏବଂ ଅଭିଯୁକ୍ତ ଷଡଯନ୍ତ୍ରକାରୀ ଭାବରେ ଚିହ୍ନଟ କରାଯାଇଥିଲା ଯିଏ ବିଦେଶରୁ ସିଣ୍ଡିକେଟ୍ କାର୍ଯ୍ୟକଳାପକୁ ସମନ୍ୱୟ କରିଥିଲେ ଏବଂ ଭାରତରୁ ଅନ୍ୟ ଦେଶକୁ ମେଫେଡ୍ରୋନ୍ ମାଲ ରପ୍ତାନୀରେ ସହାୟତା କରିଥିଲେ ।





## ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ଅଖଣ୍ଡ ଭାରତ ଦିବସ ପାଳିତ

ବାଲିଆପାଳ(ନିପ୍ର): ସ୍ୱାଧୀନତା ଦିବସ ପାଳନ ଅବ୍ୟବହିତ ପୂର୍ବରୁ ଅର୍ଥାତ ଅଗଷ୍ଟ ୧୪ ତାରିଖକୁ ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ସାରା ଦେଶରେ ଅଖଣ୍ଡ ଭାରତ ଦିବସ ଭାବରେ ପାଳିନ କରାଯାଇଥାଏ ।ଏହି ଅବସରରେ ବିଶ୍ୱହିନ୍ଦୁ ପରିଷଦ ବାଲିଆପାଳ ପ୍ରଖଣ୍ଡ ପକ୍ଷରୁ ଶୁକ୍ରବାର ପୂର୍ବାହ୍ନରେ ବାଲିଆପାଳ ପୁରୁଣା ବସ ଷ୍ଟାଣ୍ଡ ସ୍ଥିତ ସନି ମନ୍ଦିର ପ୍ରାଙ୍ଗଣରେ ଅଖଣ୍ଡ ଭାରତର ମାନଚିତ୍ର କରାଯାଇ ପ୍ରଦର୍ଶନ କରାଯାଇଥିଲା । ବିଶ୍ୱହିନ୍ଦୁ ପରିଷଦର ପ୍ରଖଣ୍ଡ ସଭାପତି ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଧାଂଶୁ ପାଞ୍ଚାଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଜେପି ନେତା ତଥା ପୂର୍ବତନ ଜିଲ୍ଲା ପରିଷଦ ସଦଦ୍ୟ ଅଜୟ କୁମାର ସାହୁ ଯୋଗଦେଇ ଦେଶ ସ୍ୱାଧୀନ ହେବା ପୂର୍ବରୁ ଭାରତ ସହିତ ପାକିସ୍ଥାନସ୍ଥାନ, ବାଙ୍ଗଲାଦେଶ ଆମଦେଶରେ ରହିଥିଲା ସେହିପରି ଆଫଗାନିସ୍ଥାନ, ମାଲେସିଆ, ଥାଇଲାଣ୍ଡ ପର୍ଯ୍ୟନ୍ତ ଆମ ଦେଶ ଭାରତ ଲମ୍ବି ରହିଥିଲା ।ମାତ୍ର ଆଜି ଏହି ସବୁ ଦେଶ ସ୍ୱାଧୀନ ହୋଇ ଗୋଟିଏ ଗୋଟିଏ ଦେଶର ମାନ୍ୟତା ପାଇ ସାରିଛି । ଏବେ ପ୍ରତିଦିନ ଚିନ, ପାକିସ୍ଥାନ ସହିତ ଆମ ଦେଶର ସୀମା ବିବାଦ ଲାଗି ରହିଛି ।ଆମ ଦେଶର ସମସ୍ତ ନାଗରିକଙ୍କୁ ଅଖଣ୍ଡ ଭାରତ ବିଷୟରେ ମନେ ପକାଇ ଦେଶ ମାତୃକା ପ୍ରତି ଶ୍ରଦ୍ଧା ଓ ଭକ୍ତି ଭାବନା ଜାଗ୍ରତ କରିବା ସହିତ ନିଜର ପୁର୍ବର ଐତିହକୁ ଫେରାଇ ଆଣିବା ଆଜିର ଦିବସର ଏକ ମାତ୍ର ଉଦ୍ଦେଶ୍ୟ ବୋଲି ଶ୍ରୀ ସାହୁ କହିଥିଲେ । ବିଜେପି ଜିଲ୍ଲା ଉପସଭାପତି ତଥା ବାଘାଜତିନ ସ୍ମୃତି ପରିଷଦର ସଭାପତି ଅରବିନ୍ଦ ବେହେରା ଯୋଗଦେଇ ସ୍ୱଦେଶୀ ବସ୍ତୁର ବ୍ୟବହାର ସହିତ ଅଖଣ୍ଡ ଭରତ ଗଠନ ପାଇଁ ଉପସ୍ଥିତ ଦେଶପ୍ରେମୀ ମାନଙ୍କୁ ଶପଥ ପାଠ କରାଇଥିଲେ ।

## ସ୍ୱତନ୍ତ୍ର ସଘନ ସଂଶୋଧନ ସ୍ଥିତି ସମ୍ପର୍କିତ ରାଜନୈତିକ ପ୍ରତିନିଧିଙ୍କ ସହ ବୈଠକ ଅନୁଷ୍ଠିତ

କଟକ(ନିପ୍ର): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଭାଗୃହଠାରେ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ, ଦତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ମାନଙ୍କ ସହ ଏକ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଏହି ବୈଠକରେ ସ୍ୱତନ୍ତ୍ର ସଘନ ସଂଶୋଧନ ନିମନ୍ତେ ନିର୍ଦ୍ଧାରିତ ପ୍ରକ୍ରିୟା ଅନୁଯାୟୀ କାର୍ଯ୍ୟ ଅଗ୍ରଗତି ଓ ସ୍ଥିତି ସମ୍ପର୍କିତ ଆଲୋଚନା ହୋଇଥିଲା । ଖାରଜ ହୋଇଥିବା ଫର୍ମ, ପରିବର୍ତ୍ତିତ ତାରିଖ ସମ୍ବନ୍ଧରେ ବୈଠକରେ ଆଲୋଚନା ହୋଇଥଲା । ଦୈନନ୍ଦିନ ଯାଂଚପୂର୍ବକ ତଥ୍ୟ ଆନୁଯାୟୀ ଭୋଟର ତାଲିକାରେ ପ୍ରଥମ ଥର ନାମ ଅନ୍ତର୍ଭୁକ୍ତ କରିବା ନିମନ୍ତେ ଫର୍ମ -୬, କାରଣ ବଶତଃ ଭୋଟର ତାଲିକାରୁ ବାଦ ନିମନ୍ତେ ଫର୍ମ-୭, ନାମ, ଠିକଣା, ବୟସ ଆଦି ସଂଶୋଧନ ନିମନ୍ତେ ଫର୍ମ-୮ ଏବଂ ଏହାର ପ୍ରତିବେଦନ(ରିପୋର୍ଟ) ପାଇଁ ଫର୍ମ ୯,୧୦,୧୧ ସମ୍ବନ୍ଧରେ ଆଲୋଚନା କରାଯାଇ ରାଜନୈତିକ ଦଳର ପ୍ରତିନିଧି ମାନଙ୍କୁ ଦସ୍ତାବିଜ ପ୍ରଦାନ କରାଯାଇଛି । ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମରେ ଯୋଗ୍ୟ ମତଦାତାଙ୍କୁ ଭୋଟର ତାଲିକାରେ ସଂଯୁକ୍ତ କରିବା ଏବଂ ଅନଧିକୃତ ଅଯୋଗ୍ୟ ବ୍ୟକ୍ତିଙ୍କ ନାମ ତାଲିକାରୁ ବାଦ ଦେବା, ମୃତ ବ୍ୟକ୍ତିଙ୍କ ନାମ ଏବଂ ନକଲି ନାମ ଗୁଡିକୁ ତାଲିକାରୁ ବାଦ ଦିଆଯିବା ସହ ସ୍ଥାନାନ୍ତରିତ ମତଦାତାଙ୍କ ନାମ ସଂଶୋଧନ କରାଯାଇଛି । ଅତିରିକ୍ତ ଜିଲ୍ଲାପାଳ ତଥା ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ କଟକ ସଦର ନିର୍ବାଚନ ପଂଜିକରଣ ଅଧିକାରୀ, ଶ୍ରୀ କମଳଜିତ୍ ଦାସ ଉପସ୍ଥିତ ରହି ଏ ସମ୍ବନ୍ଧୀୟ ସମସ୍ତ ଟିପ୍ପଣୀ ପ୍ରସ୍ତୁତି ସହ ସୂଚନା ପ୍ରଦାନ କରିଥିଲେ ।













# ଆଜିକାଲି




## ସ୍ୱାଧୀନତାର ଅତୀତ ଓ ବର୍ତ୍ତମାନ


ଆଜି ତାରିଖ ହେଉଛି ୨୦୨୬ ମସିହା ଅଗଷ୍ଟ ୧୫ । ଆଜିର ଦିନଟି ସମଗ୍ର ଭାରତୀୟ ମାନଙ୍କ ପାଇଁ ଅତ୍ୟନ୍ତ ଗୌରବ, ସାହସ ଓ ନାହିଁ ନ ଥିବା ଆନନ୍ଦ ଉଲ୍ଲାସର ଦିନ । ଏହି ଦିନ ଭାରତକୁ ବହୁବର୍ଷ ଧରି ଶାସନ କରୁଥିବା ବ୍ରିଟିଶ ସରକାର ଭାରତକୁ ଛାଡ଼ି ଚାଲି ଯାଇଥିଲେ । ଆଜି ହୁଏତ ଆମର ମହାନ ବ୍ୟକ୍ତି ତଥା ଜାତିର ପିତା ଗାନ୍ଧିଜୀ ନାହାଁନ୍ତି । ତାଙ୍କର ବର୍ଷବର୍ଷ ଧରି ପାଦରେ ଚାଲିଚାଲି ଭାରତର ପ୍ରତ୍ୟେକ କୋଣ ଅନୁକୋଣରେ ବ୍ରିଟିଶ ସରକାରଙ୍କୁ ହଟାଇବା ପାଇଁ ସଭାସମିତି ଓ ଶୋଭାଯାତ୍ରା କରିଥିବା ନଜୀର ରହିଥିଲା । ଗାନ୍ଧିଜୀଙ୍କ ଏହି ଅସହଯୋଗ ଆନ୍ଦୋଳନ ହେବ ସହ ଲୋକମାନଙ୍କ ଆହ୍ୱାନକୁ ସେହି ସମୟରେ ଦେଶର ସବୁ ପ୍ରଦେଶରେ ହଜାର ହଜାର ନେତା ଓ କର୍ମୀ ତଥା ସାଧାରଣ ଲୋକେ କେବଳ ଯେ ଜେଲ ଯାଇଥିଲେ ତାହା ନୁହେଁ ବ୍ରିଟିଶ ସରକାରଙ୍କ ଗୁଳିରେ ନିହତ ହୋଇଥିଲେ । ଅବସ୍ଥା ଏଭଳି ଅସମ୍ଭାଳ ହେବାରୁ ଏଥିରେ ବାଧ ହୋଇ ବ୍ରିଟିଶ ସରକାର ଭାରତକୁ ଛାଡ଼ି ତାଙ୍କ ଦେଶକୁ ଚାଲିଯାଇଥିଲେ । ଗାନ୍ଧିଜୀଙ୍କ ସହ ନେହେରୁ, ସୁବାଷ ବୋଷ, ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଭଳି ବହୁ ଆଗଧାଡ଼ିର ନେତା ଆନ୍ଦୋଳନରେ ଅଗ୍ରଭାଗରେ ଥିଲେ । ଆଜି ସ୍ୱାଧୀନତା ଦିବସର ୭୯ ତମ ଦିବସ । ଏହାରି ମଧ୍ୟରେ କେନ୍ଦ୍ର ଓ ବିଭିନ୍ନ ରାଜ୍ୟରେ ବିଭିନ୍ନ ଦଳର ସରକାର ଶାସନ କରି ଚାଲିଛନ୍ତି କିନ୍ତୁ ସ୍ୱାଧୀନତା ପୂର୍ବର ଭାରତବର୍ଷ ଓ ବର୍ତ୍ତମାନର ଦେଶର ପ୍ରଗତି ସବୁକ୍ଷେତ୍ରରେ ଅସମ୍ଭବ ଉନ୍ନତି ଘଟୁଛି । ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପ କ୍ଷେତ୍ରରେ ଭାରତ ବିଶ୍ୱର ଏକ ଶ୍ରେଷ୍ଠ ଦେଶ ରୂପେ ପରିଗଣିତ ହୋଇଛି । କେବଳ ସେତିକି ନୁହେଁ ଜନସଂଖ୍ୟାରେ ଆମ ଦେଶ ଉଚ୍ଚରେ ରହିଛି । ମୋଟାମୋଟି ଭାବେ କହିବାକୁ ଗଲେ ଆଜି ଆମେ ସମସ୍ତେ ନିଜକୁ ଭାରତୀୟ ବୋଲି ଗର୍ବ କରୁଛେ । ଭାରତ ହେଉଛି ଏକମାତ୍ର ଦେଶ ଯେଉଁଠାରେ ସବୁଧର୍ମର ଲୋକେ ନାଗରିକତ୍ୱ ଗ୍ରହଣ କରିଛନ୍ତି । ଲୋକସଂଖ୍ୟା ବଢ଼ୁଥିବାରୁ ବିଶେଷ କରି ଗରୀବଙ୍କ ସଂଖ୍ୟା ବଢ଼ିବା ସ୍ୱାଭାବିକ । ଗରୀବ ଶ୍ରେଣୀ ଲୋକେ କିପରି ଆଗକୁ ବଢ଼ିବେ ଏବଂ ସେମାନଙ୍କ ଉନ୍ନତି ପାଇଁ ବିଭିନ୍ନ ସରକାର ବହୁ ଯୋଜନା ପ୍ରସ୍ତୁତ କରି ଚାଲିଛନ୍ତି । ତଥାପି ସେମାନଙ୍କ ମଧ୍ୟରୁ ବହୁ ନିମ୍ନଶ୍ରେଣୀର ଲୋକେ ଏବେ ବି ସମସ୍ୟା ଦେଇ ଗତି କରୁଛନ୍ତି । ଆମ ଦେଶ ସବୁକ୍ଷେତ୍ରରେ ଆଗେଇ ଚାଲିଛି ଏବଂ ଯେ କୌଣସି ବିଶ୍ୱର ଉନ୍ନତ ଦେଶ ସହିତ ଭାରତ ମଧ୍ୟ ଉନ୍ନତି ପଥରେ ଆଗେଇ ଚାଲିଛି । ଆମେ ଆଶା କରୁଛୁ ଆମ ଦେଶ ଭାରତବର୍ଷ ଆହୁରି ଉନ୍ନତ ହେବ ଏବଂ ଆମେ ନିଜକୁ ଭାରତୀୟ ବୋଲି ଗର୍ବ କରିବା ।

**ଜନ୍ମ ଜୟନ୍ତୀ ଉପଲକ୍ଷେ**

# ସ୍ୱାଧୀନତାର ଅଗ୍ରଦୂତ ଶ୍ରୀ ଅରବିନ୍ଦ

◆ଅଲେଖ ଚନ୍ଦ୍ର ସାମଲ, ଓଏଫଏସ-୧ (ଏସ.ବି.)

ଅଗଷ୍ଟ ୧୫- ସମଗ୍ର ଭାରତବାସୀଙ୍କ ପାଇଁ ଏକ ଗୌରବର ଦିବସ । ଏହି ଦିନ କେବଳ ଭାରତ ସ୍ୱାଧୀନ ହୋଇଥିଲା ତାହା ନୁହେଁ ବରଂ ଭାରତମାତାର ଜଣେ ଯୋଗ୍ୟତମ ସନ୍ତାନର ଏ ଧରା ପୃଷ୍ଠରେ ଆବିର୍ଭାବ ଘଟିଥିଲା । ଏଣୁ ପ୍ରତିବର୍ଷ ଭାରତବାସୀ ପରମ ଶ୍ରଦ୍ଧାରେ ଏକାଧାରରେ ସ୍ମରଣ କରିବେ ଯେ, ଏହି ଦିବସରେ ହୋଇଥିଲା ଭାରତର ସ୍ୱାଧୀନତା ଅଭ୍ୟୁଦୟ ଓ ସ୍ୱାଧୀନତାର ଅଗ୍ରଦୂତ ଶ୍ରୀ ଅରବିନ୍ଦଙ୍କ ଅଭ୍ୟୁଦୟ । ପଶ୍ଚିମବଙ୍ଗ ରାଜ୍ୟର କଲିକତା(ବର୍ତ୍ତମାନ କୋଲକତା) ନିକଟବର୍ତ୍ତୀ କୋନ୍ ନଗରରେ ଡ. କୃଷ୍ଣଧନ ଘୋଷ ଓ ମାତା ସ୍ୱର୍ଣ୍ଣଲତାଙ୍କ ଔରସରୁ ୧୮୩୨ ଅଗଷ୍ଟ ୧୫ ତାରିଖରେ ଜନ୍ମ ଗ୍ରହଣ କରିଥିଲେ । ଶ୍ରୀ ଅରବିନ୍ଦ ପିତାମାତା ତାଙ୍କୁ ଆଦରରେ ‘ଅରୋ’ ବୋଲି ଡାକୁଥିଲେ । ସେ ଥିଲେ ପିତାମାତାଙ୍କର ତୃତୀୟ ସନ୍ତାନ । ତାଙ୍କ ବଡ଼ଭାଇଙ୍କ ନାମ ବିନୟ ଭୂଷଣ ଓ ମନ ମୋହନ । ଶ୍ରୀ ଅରବିନ୍ଦଙ୍କ ଜନ୍ମ ପରେ ଜନ୍ମଗ୍ରହଣ କରିଥିଲେ ଭଉଣୀ ସରୋଜିନୀ ଓ ସାନଭାଇ ବାରୀନ୍ଦ୍ର କୁମାର । ଡ. କୃଷ୍ଣଧନ ଘୋଷ ନିଜ ପିଲାମାନଙ୍କୁ ପାଶ୍ଚାତ୍ୟ ଶୈଳୀରେ ଗଢ଼ି ତୋଳିବାକୁ ଚାହୁଁଥିଲେ । ଅପରପକ୍ଷେ ସ୍ୱର୍ଣ୍ଣଲତା ଦେବୀ ଥିଲେ ଜଣେ ଧର୍ମପରାୟଣା, ଦେଶଭକ୍ତି, ଶିକ୍ଷିତା ନାରୀ ଉଭୟଙ୍କ ଗୁଣାବଳୀ ପ୍ରଭାବ ପିଲାମାନଙ୍କ ଉପରେ ପଡ଼ିଥିଲା । ସ୍ୱର୍ଣ୍ଣଲତାଙ୍କ ମସ୍ତିଷ୍କ ବିକୃତି ବୃଦ୍ଧି ପାଇବାରୁ ସେ ପିଲାମାନଙ୍କ ଲାଳନ ପାଳନ କରି ପାରିଲେ ନାହିଁ । କୃଷ୍ଣଧନ ଶ୍ରୀ ଅରବିନ୍ଦଙ୍କ ଲାଳନପାଳନ ଦାୟିତ୍ୱ ଜଣେ ଇଂରେଜ ଧାଇଙ୍କୁ ସମର୍ପି ଦେଲେ । ଅତି ଛୋଟ ବୟସରୁ ସେ ମାତୃସ୍ନେହରୁ ବଂଚିତ ହେଲେ । ପିଲାଟି ଦିନରୁ ଶ୍ରୀ ଅରବିନ୍ଦ ମାତୃସ୍ନେହ ଓ ମାତୃଭାଷାର ସ୍ୱାଦ ପାଇ ପାରିନଥିଲେ ବୋଲି ପରବର୍ତ୍ତୀ ସମୟରେ ସେ ଭାରତକୁ ଭଲଭାବେ ଚିହ୍ନି ପାରିଥିଲେ । ତେଣୁ ସେ କହୁଥିଲେ - ‘ଭାରତ



ଏକ ଜଡ଼ ପଦାର୍ଥ, ମାଟି, କ୍ଷେତ୍ର, ବନ, ପର୍ବତ, ନଦୀକୁ ନେଇ ଗଠିତ ଭୂଗର୍ଭ ନୁହେଁ । ଏ ହେଉଛି ସ୍ୱୟଂ ଜଗଜ୍ଜନନୀ । ପାଂଚବର୍ଷ ବୟସରୁ ଅରୋଙ୍କ ବାଲ୍ୟଶିକ୍ଷା ଆରମ୍ଭ ହେଲା । ପ୍ରଥମେ ସେ ଲୋରେଟୋ କନ୍‌ଭେଂଟ ସ୍କୁଲ, ଦାର୍ଜିଲିଂରେ ନାମ ଲେଖାଇଲେ । ପ୍ରଥମେ ସେ ଲେରେଟା କନ୍‌ଭେଂଟ ସ୍କୁଲ, ଦାର୍ଜିଲିଂରେ ନାମ ଲେଖାଇଲେ । ସାତବର୍ଷ ବୟସରେ ତାଙ୍କୁ ଦେଶ ଛାଡ଼ି ଯିବାକୁ ପଡ଼ିଲା । ତାଙ୍କ ମାତାଙ୍କ ମସ୍ତିଷ୍କ ରୋଗ ଚିକିତ୍ସା ପାଇଁ ପିତା କୃଷ୍ଣଧନ ସପରିବାର ଯାଇ ମାଂଚେଷ୍ଟରରେ ରହିଲେ । ସେଠାରେ ଡ୍ରୁଟେ ଦମ୍ପତିଙ୍କ ତତ୍ତ୍ୱାବଧାନରେ ଶ୍ରୀ ଅରବିନ୍ଦଙ୍କ ପାଠପଢ଼ା ଚାଲିଲା । ଏହି ବୟସରୁ ହିଁ ତାଙ୍କ ପ୍ରତିଭାର ବିକାଶ ଘଟିଲା । ତାଙ୍କୁ ଯାହା ଶିକ୍ଷା ଦିଆଯାଉଥିଲା ସେ ସଙ୍ଗେ ସଙ୍ଗେ ସବୁ ଶିଖି ଦେଉଥିଲେ । ଶ୍ରୀ ଅରବିନ୍ଦ ଥିଲେ ଶାନ୍ତ ସ୍ୱଭାବର ଓ ବିଚକ୍ଷଣ ପ୍ରତିଭାର ଅଧିକାରୀ । ମାତ୍ର ଦଶବର୍ଷ ବୟସରୁ ଲାଟିନ୍ ଓ ଇଂରାଜୀ ଭାଷାରେ ସୁନ୍ଦର କବିତା ଲେଖିବାକୁ ଆରମ୍ଭ କଲେ । ଏଗାର ବର୍ଷ ବୟସରେ ସେ ଅନ୍ତରରେ ଅନୁଭୂତି ଲାଭ କଲେ ଯେ ସାରା ଜଗତ ପାଇଁ ତାଙ୍କୁ ଭୂମିକା ଗ୍ରହଣ କରିବାକୁ ପଡ଼ିବ । ତେରବର୍ଷ ବୟସରେ ସେ ଲଣ୍ଡନ ଯାଇ ସେ□ ପଲ୍‌ସ ସ୍କୁଲରେ ଭର୍ତ୍ତି ହେଲେ । ସେଠାରେ ସେ ଗ୍ରୀକ୍ ଓ ଫରାସୀ ଭାଷା ଶିଖିଲେ । ଚଉଦ ବର୍ଷ ବେଳକୁ ସେ ଇଉରୋପରେ ଇଂରାଜୀ, ଲାଟିନ୍, ଗ୍ରୀକ୍, ଫରାସୀ, ଇଟାଲିୟାନ୍, ଜର୍ମାନୀ ଓ ସ୍ପେନି୍ ଏହି ପରି ସାତୋଟି ଭାଷାର ଅଧିକାରୀ ହୋଇ ସାରିଥିଲେ । ଏହି ସମୟରେ ତାଙ୍କୁ ନାନା ଦୁଃଖ କଷ୍ଟ ସହ୍ୟ କରିବାକୁ ପଡ଼ିଥିଲା । ଟଙ୍କା ଅଭାବରୁ ବେଳେ ବେଳେ ସେ ଭୋକ ଉପାସରେ ରହୁଥିଲେ । ଶୀତରେ ଘୋଡ଼େଇ ହେବାପାଇଁ ତାଙ୍କ ନିକଟରେ ଚଦରଟିଏ ନଥିଲା । ଶ୍ରୀ ଅରବିନ୍ଦ ଲଣ୍ଡନରେ ରହି ପାଠ ପଢୁଥିବା ସମୟରେ ତାଙ୍କ ପିତା କୃଷ୍ଣଧନ ତାଙ୍କ ଭିତରେ ଦେଶ ପ୍ରେମର ବୀଜପବନ କରିଥିଲେ । ସେ ସମୟରେ ଭାରତୀୟ ମାନଙ୍କ ପ୍ରତି ଇଂରେଜମାନଙ୍କ ଅକଥନୀୟ ଅତ୍ୟାଚାର ବିଷୟରେ ଚିଠି ଲେଖି ଜଣାଉଥିଲେ । ଏସବୁ ପଢ଼ି ଶ୍ରୀ ଅରବିନ୍ଦଙ୍କ ମନରେ ଦେଶପ୍ରେମର ଭାବ ଜାଗ୍ରତ ହେଲା । ଏହାଥିଲା ଦେଶ କାର୍ଯ୍ୟ ପାଇଁ ଆୟମାରମ୍ଭ । ପରାଧୀନତାର ବନ୍ଧନରୁ ଦେଶକୁ ମୁକ୍ତ କରିବା ପାଇଁ ସେ ତାଙ୍କ ସମଗ୍ର ଜୀବନକୁ ଉତ୍ସର୍ଗ କରି ଦେଇଥିଲେ । ପରାଧୀନତାର ରୁକ୍ଷ ମରୁଭୂମିରେ ସ୍ୱାଧୀନତା - ମନ୍ଦାକିନୀର ଆଦ୍ୟ ଧାରା ବୁହାଇ ଥିଲେ । ସମଗ୍ର ଭାରତବର୍ଷ ଓ ମାନବ ଜାତି ପାଇଁ ତାଙ୍କ ଅବଦାନ ଅତୁଳନୀୟ । ପରବର୍ତ୍ତୀ ସମୟରେ ଏହି ଅସାଧାରଣ ବାଳକ ‘ଶ୍ରୀ ଅରବିନ୍ଦ’ ନାମରେ ପରିଚିତ ହେଲେ । ସୌଭାଗ୍ୟ ବଶତଃ ତାଙ୍କ ଜନ୍ମ ତିଥିରେ ହିଁ ଭାରତ ସ୍ୱାଧୀନ ହେଲା । ଆଜି ସେ ବିଶ୍ୱ ବନ୍ଦିତ । ତାଙ୍କ ସମଗ୍ର ଜୀବନ ବିଷୟରେ ବର୍ଣ୍ଣନା କରିବା କିମ୍ବା ଜାଣିବା ଆମର ଜ୍ଞାନର ପରିସୀମା ବାହାରେ; କିନ୍ତୁ ସାଧନା ଓ ଅଧ୍ୟବସାୟ ଥିଲେ ସେହି ମହାପୁରୁଷଙ୍କ ବିଷୟରେ ଜାଣି ପାରିବା । ତାଙ୍କ ଜୀବନ ଆଦର୍ଶକୁ ଗ୍ରହଣ କଲେ ଆମ ଜୀବନ ମଧ୍ୟ ସାର୍ଥକ ହୋଇପାରିବ ।

*ପୂର୍ବତନ ଡିଏଫ୍‌ଓ (କେନ୍ଦୁଲିଫ୍)*
*ଜୟପୁର ଡିଭିଜନ, ଦୂରଭାଷ : ୯୪୩୭୨୫୭୧୨୩*

# ଶ୍ରୀ ଅରବିନ୍ଦଙ୍କ ଦୃଷ୍ଟିରେ ଭାରତ

◆ ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ

ଗ୍ରୀକ୍ ଭାଷାରେ ଅଗଷ୍ଟ ଶବ୍ଦର ଅର୍ଥ ପବିତ୍ର । ପ୍ରକୃତ ପକ୍ଷେ ଅଗଷ୍ଟ ମାସ ଆମ ପାଇଁ ପବିତ୍ର । ଦୀର୍ଘ ୬୮ ବର୍ଷ ତଳେ ଏଇ ମାସ ୧୫ ତାରିଖରେ ଭାରତ ପରାଧୀନତାରୁ ମୁକ୍ତି ପାଇଥିଲା । ଏଇ ଅଗଷ୍ଟ ୧୫ ତାରିଖ (୧୮୭୨ ମସିହା) ମହାନ ଦେଶଭକ୍ତ ତଥା ମହାଯୋଗୀ ଶ୍ରୀଅରବିନ୍ଦଙ୍କର ଜନ୍ମଦିବସ । ଶ୍ରୀ ଅରବିନ୍ଦ ତାଙ୍କ ଜୀବନର ପ୍ରଥମ ଭାଗ ଦେଶମାତୃକାର ମୁକ୍ତି ପାଇଁ ଉତ୍ସର୍ଗ କରିଥିବା ବେଳେ ପରବର୍ତ୍ତୀ ଜୀବନ ସମଗ୍ର ମାନବଜୀବନକୁ ଦୁଃଖ ଦୁର୍ଦ୍ଦଶାରୁ ଚିରଦିନ ମୁକ୍ତି ଦେବା ଲାଗି ଆଧ୍ୟାତ୍ମିକ ସାଧନାରେ ନିବିଷ୍ଟ ଥିଲେ । ଶ୍ରୀଅରବିନ୍ଦଙ୍କ ପାଇଁ ଭାରତବର୍ଷ କେବଳ ନଦୀ ନାଳ ବଣ ଜଙ୍ଗଲ ଭରା ଭୌଗୋଳିକ ସୀମା ନଥିଲା । ଦେଶକୁ ସେ ମା’, ଦେବୀ ଭାବେ ପୂଜା କରୁଥିଲେ । ଆଧ୍ୟାତ୍ମିକ ସାଧନା ଲାଗି ଶ୍ରୀଅରବିନ୍ଦ ଯେତେବେଳେ ରାଜନୀତିକୁ ସମ୍ପୂର୍ଣ୍ଣ ଓହରି ଆସି ପଣ୍ଡିଚେରୀ ଚାଲିଆସିଲେ ସେତେବେଳେ ତାଙ୍କୁ ଅନେକେ କଡ଼ା ସମାଲୋଚନା କରିଥିଲେ । ମାତ୍ର ଭଗବାନଙ୍କ ବିଧାନ ବିଚିତ୍ର । ତାଙ୍କରି ଜନ୍ମଦିବସରେ ହିଁ ଭାରତ ତାର ଚୀର ଆକାଂକ୍ଷିତ ସ୍ୱାଧୀନତା ହାସଲ କରିଥିଲା । ଅଗଷ୍ଟ ୧୫ରେ ଭାରତର ସ୍ୱାଧୀନତା ହାସଲ ତାଙ୍କୁ ଈଶ୍ୱରଙ୍କ ଜନ୍ମଦିନର ଉପହାର ବୋଲି ସେ ବର୍ଣ୍ଣନା କରିଥିଲେ । ତେବେ ପାକିସ୍ତାନ ଭାରତ ଠାରୁ ବିଭାଜିତ ହୋଇ ଯିବା ଘଟଣା ତାଙ୍କୁ ବ୍ୟଥିତ କରିଥିଲା । ଏଣୁ ସେ କୌତୁହଳପ୍ରଦ ଅଥଚ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ଦେଇ କହିଥିଲେ ଯେ ଭଗବାନ ମୋତେ ଦୁଇଟି କରି ଛୋଟ ଉପହାର ଦେବା ପରିବର୍ତ୍ତେ ଗୋଟିଏ ବଡ଼ ଉପହାର ଦେଇଥିଲେ ଅଧିକ ଖୁସି ହୋଇଥାନ୍ତି । ଏହି ଯୁଗଦ୍ରଷ୍ଟା ଭବିଷ୍ୟବାଣୀ କରିଯାଇଛନ୍ତି ଯେ ଅଖଣ୍ଡ ଭାରତ ପୁନର୍ଗଠିତ ହେବା ଅବଶ୍ୟାମ୍ଭାବୀ । ଏହି ଏକତା ଯେକୌଣସି ଉପାୟରେ ଯେ କୌଣସି ରୂପରେ ଆସିପାରେ । କାରଣ ଭାରତର ଆତ୍ମା ଏକ ଓ ଅଖଣ୍ଡ । ଏହି ଐକ୍ୟ ନ ଆସିବା ପର୍ଯ୍ୟନ୍ତ ଭାରତରେ ବିଶୃଙ୍ଖଳା ଏପରିକି ରକ୍ତପାତ ଲାଗି ରହିବ । ଯାହା ଆଜି ଆମେ ଅଙ୍ଗେ ଅଙ୍ଗେ ନିଭାଉଛୁ । ତେବେ ସେ ଆଶ୍ୱାସନା ଦେଇ ଯାଇଛନ୍ତି ଯେ ଈଶ୍ୱରଙ୍କ ଉଦ୍ଦେଶ୍ୟ ନିଶ୍ଚିତ ନିର୍ଦ୍ଦିଷ୍ଟ ଭାବେ ପୂରଣ ହେବ । ମହାଯୋଗୀ ଶ୍ରୀଅରବିନ୍ଦଙ୍କ ଅନୁପମ ବାଣୀରେ ଭାରତ ଧ୍ୱଂସ ହୋଇନପାରେ । କାରଣ ମାନବ ସମାଜର ବିଭିନ୍ନ ଗୋଷ୍ଠୀ ମଧ୍ୟରେ କେବଳ ଭାରତ ଉପରେ ନ୍ୟସ୍ତ ରହିଛି ମାନବ ଜାତିର ହିତାର୍ଥେ ଏକ ଅପରିହାର୍ଯ୍ୟ, ଉଜ୍ଜଳତମ, ମହତମ ସିଦ୍ଧି । ଶ୍ରୀଅରବିନ୍ଦଙ୍କ ସ୍ୱପ୍ନର ଭାରତ ନିଜ ଆଧ୍ୟାତ୍ମିକ ଶକ୍ତି ଉପରେ ବିଜ୍ଞାନ ଓ ଶିଳ୍ପତନ୍ତ୍ରକୁ ଗ୍ରହଣ କରି ଜୀବନକୁ ପରିପୂର୍ଣ୍ଣତା ଦେଇପାରିବ । ବିଶ୍ୱ ଗୁରୁ ହେବ ଭାରତ । ତେବେ ବିଶ୍ୱର ଶ୍ରେଷ୍ଠ ସ୍ଥାନରେ ଦେଶକୁ ପହଂଚାଇବା ଲାଗି ମହିଳା ମନିଷୀ ମାନେ ଯେଉଁ ସ୍ୱପ୍ନ ସାଧନା ତଥା ତ୍ୟାଗ କରି ଯାଇଛନ୍ତି ସେଥିଲାଗି ଆମେ ଭାରତବାସୀ ନିଜକୁ କେତେଦୂର ଯୋଗ୍ୟ କରିପାରିଛେ ତାହା ଏହି ପବିତ୍ର ଦିବସ ଅବସରରେ ଆତ୍ମ ସମୀକ୍ଷା କରିବା ନିହାତି ଆବଶ୍ୟକ ।

*ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ, ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର, ୯୪୩୭୧୨୪୦୭୪*

## ଶ୍ରୀ ଅରବିନ୍ଦ—ଭାରତ ଆତ୍ମାର ଦିବ୍ୟ ସନ୍ତାନ



◆ ନିହାର ସାମଲ

ହେ ଯୁଗସ୍ରଷ୍ଟା ମହାନ,
ତୁମ ଜନ୍ମେ ଜାଗିଲା ଚେତନାର ପ୍ରୀତି,
ଦୁଇ ମହାଜ୍ୟୋତିର ଅପୂର୍ବ ମିଳନ—
ମହାମାନବ ଓ ଅଗଷ୍ଟ ପନ୍ଦର ।
ଶୃଙ୍ଖଳ ଭାଙ୍ଗି ଭାରତ ଲଭିଲା ସ୍ୱାଧୀନ,
ଦୁର୍ଦ୍ଦମ ସାମ୍ରାଜ୍ୟ ହେଲା ପଦାନତ;
ଆକାଶେ ଉଡ଼ିଲା ତ୍ରିରଙ୍ଗା ମହାନ,
ଭାରତ ମାଟିରେ ଗୁଞ୍ଜିଲା ସ୍ୱାଧୀନତାର ଗୀତ,
ଜନ୍ମେ ଜାଗିଲା ଚେତନାର ପ୍ରୀତି ମନ୍ତ୍ର ।
ହେ ମହାମାନବ, ତୁମ ଚିନ୍ତା ଓ ଚେତନାରେ
ଥିଲା ନବଯୁଗର ମହାନ ଆହ୍ୱାନ—
ମାନବ ମନରେ ଜାଗୁ ଦିବ୍ୟତାର ଜ୍ଞାନ,
ଅନ୍ଧାର ଭିତରୁ ସତ୍ୟର ପଥ ଦେଖାଇ,
ଚେତନାର ଶିଖା ଦେଲ ହୃଦୟେ ଜଳାଇ ।
ସାଧନାରେ ଥିଲା ତୁମ୍ଭ ବିଶ୍ୱମାନବର ସ୍ୱପ୍ନ,
ଭାରତ ନଥିଲା କେବଳ ଭୂଖଣ୍ଡ—
ଥିଲା ସେ ସବୁଜ, ଚିରସ୍ରୋତସ୍ୱିନୀ,
କୃପାମୟୀ ମାଆ, ଦେବୀ ସ୍ୱରୂପିଣୀ ।
ଅଗଷ୍ଟ ପନ୍ଦର ପବିତ୍ର ପ୍ରଭାତେ,
ତୁମ ଜନ୍ମଜ୍ୟୋତି ଜଳୁ ଅନ୍ତର ଦୀପେ ।
ଦିବ୍ୟ ମାନବ ସେ ଲକ୍ଷ୍ୟ ଅନୁପମ ।
ଭାରତବର୍ଷ ହେଉ ଯେ ମହାନ,
ମାନବତା ହେଉ ପୂର୍ଣ୍ଣ ଦୀପ୍ତିମାନ ।
ହେ ଯୁଗଦ୍ରଷ୍ଟା, ତୁମ ପବିତ୍ର ଜନ୍ମତିଥେ
ଜାଗୁ ସତ୍ୟ, ଶିବ ଓ ସୁନ୍ଦର;
ତୁମ ଦିବ୍ୟ ଚେତନାର ସ୍ପର୍ଶେ ଜାଗୁ ନବଭାରତର ପ୍ରାଣ ।
ହେ ଯୁଗସ୍ରଷ୍ଟା -ଶ୍ରୀ ଅରବିନ୍ଦ ତୁମ୍ଭେ ଯେ ଶ୍ୟାମ ଓ ସୁନ୍ଦର ।

*ସିଦ୍ଧି ନଗର -୨, ମେଣ୍ଟାଶୋଳ, ବାଲେଶ୍ୱର,*
*ଦୁରଭାଷ ନଂ:୯୪୩୭୭୬୯୮୬୮*


# ସ୍ୱାଧୀନତା ଆନ୍ଦୋଳନର ମହାନ୍ ବିପ୍ଳବୀ ଗୌରଚନ୍ଦ୍ର ମହାପାତ୍ର

◆ ପ୍ରଦୀପ ସେନାପତି

ବ୍ରିଟିଶ ଶାସନ କବଳରୁ ଭାରତକୁ ମୁକ୍ତ କରିବା ପାଇଁ ଯେଉଁ ସଂଗ୍ରାମୀଗଣ ଜୀବନସ୍ୱୋର୍ଗ କରିଯାଇଛନ୍ତି, ସେମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏ କୃତଜ୍ଞ ରାଷ୍ଟ୍ର ସଦାସର୍ବଦା ନତମସ୍ତକ କରିଆସିଛି । ଯେଉଁମାନେ ଯାବତୀୟ କଷ୍ଟ ସ୍ୱୀକାର କରି ଏ ରାଷ୍ଟ୍ରକୁ ସ୍ୱାଧୀନତା ଆଣି ଦେଇଛନ୍ତି, ସେମାନଙ୍କ ମଧ୍ୟରୁ କେହି କେହି ବ□ଛନ୍ତି ଓ ଦିନ ଗଣୁଛନ୍ତି । ସେମାନଙ୍କୁ ସମ୍ମାନ ପ୍ରଦର୍ଶନ କରିବା କ୍ଷେତ୍ରରେ ରାଷ୍ଟ୍ର ବା ରାଜ୍ୟ ମଧ୍ୟ ପଶ୍ଚାତପଦ ହୋଇନାହିଁ । ତେବେ, ସ୍ୱାଧୀନତାର ଉ□ର କାଳରେ ମୁଁ ଜନ୍ମଲାଭ କରିଥିବାରୁ ମୋର ସୌଭାଗ୍ୟ ଥିଲା ଓଡ଼ିଶାର ଜଣେ ମହାନ ସ୍ୱାଧୀନତା ସଂଗ୍ରାମୀଙ୍କ ସହିତ ଏକ ସ୍ୱତନ୍ତ୍ର ସାକ୍ଷାତକାର । ଭଦ୍ରକସ୍ଥିତ ନୂଆବଜାର, କାନ୍ତକୁଟୀରଠାରେ ସ୍ୱାଧୀନତା ସଂଗ୍ରାମୀ ସମିତିର ସଭାପତି ଗୌର ଚନ୍ଦ୍ର ମହାପାତ୍ରଙ୍କ ସଂସ୍ପର୍ଶରେ ଆସିଥିବାରୁ ନିଜକୁ ଗୌରବାନ୍ୱିତ ମନେ କରିଥିଲି ।୧୯୨୧ ମସିହାର କଥା । ସେତେବେଳକୁ ତାଙ୍କର ବୟସ ମାତ୍ର ଛଅବର୍ଷ ବେଳେ ଲୋକ ତାଙ୍କ ଘରକୁ ଆସିଥିଲେ । ବିଲାତି ଲୁଗା ପୋଡ଼ିବାକୁ ମାଗିଲେ । ସେ ମଧ୍ୟ ସେଦିନ ବିଲାତି ଲୁଗା ପୋଡ଼ିବାକୁ ଦେଇଥିଲେ । ସେତେବେଳକୁ ଲୁଣମରା କଥା ଶୁଣାଗଲା । ନିର୍ଦ୍ଧୁମ ଖରାବେଳ ମହାତ୍ମାଗାନ୍ଧୀ ଦାଣ୍ଡିଠାରେ ଲୁଣମାରିଲେ । ଗୌରଚନ୍ଦ୍ରଙ୍କର ଭାଇ, ଦାଦା ପ୍ରଭୃତି ଲୁଣମାରି ଜେଲଗଲେ । ତାଙ୍କର ମନେ ହୋଇଥାଏ ମୁଁ ବି ଲୁଣ ମାରନ୍ତି, ଆନ୍ଦୋଳନରେ ଭାଗନିଅନ୍ତି । ମାତ୍ର ଡ଼ର ଥାଏ ତାଙ୍କର ଘରର ପରିବାର ଲୋକଙ୍କୁ- ବିରକ୍ତ ହେବେ, ଛାଡ଼ିବେ ନାହିଁ । ୧୯୩୨ ମସିହାର ଆନ୍ଦୋଳନ ନୂଆ ମୋଡ଼ଦେଲା । ମଦ, ଗଞ୍ଜେଇ ଓ ବିଲାତି ଲୁଗା ଦୋକାନ ଆଗରେ ପିକେଟିଂ ଚାଲିଥାଏ । ସତ୍ୟାଗ୍ରହୀମାନଙ୍କୁ ବ୍ରିଟିଶ ପୋଲିସମାନେ ନିର୍ଦ୍ଧୁମ ମାଡ଼ମାରି ଆରେଷ୍ଟ କରି ନେଉଥାନ୍ତି । ସେ ସେତେବେଳେ ଭଦ୍ରକ ହାଇସ୍କୁଲର ଛାତ୍ର । ପିଲାମାନଙ୍କୁ ଏକାଠି କରି ସେ ଏହାର ପ୍ରତିବାଦ କଲେ । ସହର ପରିକ୍ରମା କଲେ । ଏଇଠୁ ହିଁ ଆରମ୍ଭ ହୁଏ ତାଙ୍କର ପ୍ରଥମ ସ୍ୱାଧୀନତା ସଂଗ୍ରାମରେ ପ୍ରବେଶ । ପରେ ପରେ ସେ ସକ୍ରିୟ ଭାବରେ ଏଥିରେ ଭାଗନେଲେ । ଇଂଚୁଡ଼ି, ଲୁଣିଆ ଆଦି ସ୍ଥାନରେ ଲୋକମାନଙ୍କୁ ସଚେତନ କରାଇଲେ । ତାଙ୍କର ଗାଁ ତାଳପଦାର ଆଖପାଖରେ ବିଭିନ୍ନ ସଭାସମିତି କରି ବ୍ରିଟିଶ ବିରୋଧରେ ସଂଗ୍ରାମ କରିବାକୁ ପ୍ରବର୍ତ୍ତାଇଲେ । ୧୯୪୨ ମସିହା ଭାରତ ଛାଡ଼ ଆନ୍ଦୋଳନ ସମୟରେ ବ୍ରିଟିଶ ପୋଲିସ ଆଖିରେ ସେ ଟାର୍ଗେଟ ହୋଇଗଲେ । ସେମାନେ ତାଙ୍କୁ (ଗୌରଚନ୍ଦ୍ରଙ୍କୁ) ଏତେ ଭୟ କରୁଥାନ୍ତି ଯେ ତାଙ୍କର ହାତଗୋଡ଼ ବାନ୍ଧି ଭଦ୍ରକ ଆଣିଲେ । କେତେଦିନ ପରେ ତାଙ୍କୁ ଭଦ୍ରକ ଜେଲରୁ କଟକ ଜେଲକୁ ବଦଳି କରିଦେଲେ । ତାଙ୍କର ଏବେ ବି ମନେଅଛି, ସେତେବେଳେ ତାଙ୍କୁ ପୂର୍ବବତ୍ ହାତଗୋଡ଼ ବାନ୍ଧି ରେଳଗାଡ଼ିରେ କଟକ ଅଣାଯାଇଥାଏ । ତାଙ୍କ ପ୍ରତି ଅତ୍ୟନ୍ତ ଅଶାଳୀନ ବ୍ୟବହାର ମଧ୍ୟ ପ୍ରଦର୍ଶନ କରୁଥାନ୍ତି ବିଟିଶ ପୋଲିସମାନେ । ତା’ପରେ କଟକରେ ଅତ୍ୟନ୍ତ ଅଶାଳୀନ ବ୍ୟବହାର ପ୍ରଦର୍ଶନ କରୁଥାନ୍ତି ସେମାନେ । ତା’ପରେ କଟକରେ ତାଙ୍କର ବିଚାର କରାଯାଇ ପୁଣି ଥରେ ବ୍ରହ୍ମପୁର ଜେଲକୁ ପଠାଗଲା । ତାଙ୍କ ବିରୋଧରେ ଗୁରୁତର ଅଭିଯୋଗ ଥିଲା ଯେ, ସେ ବିଦ୍ରୋହୀମାନଙ୍କ ସାଥୀରେ ମିଶି ଘର ପୋଡ଼ିବା, ଟେଲିଗ୍ରାମ ତାର କାଟିବା, ରେଳଧାରଣା ଉଠାଇବା ଓ ପରିଶେଷରେ ନରହତ୍ୟା କାର୍ଯ୍ୟରେ ଯୋଗଦେବା ଇତ୍ୟାଦି । ସେ ବର୍ଷାଧିକ କାଳ ବ୍ରହ୍ମପୁର ଜେଲ୍‌ରେ ରହିଲେ । ସେହି ସମୟରେ ଜେଲରେ ରହୁଥିବା ଅନ୍ୟତମ ସାଥୀ ଲକ୍ଷ୍ମଣ ନାୟକଙ୍କୁ ଫାଶୀ ଆଦେଶ ହୋଇଥିଲା । ସେଦିନଟିକୁ ଆମେ ସବୁ ବନ୍ଦୀଥିବା ସଂଗ୍ରାମୀମାନେ ଉପବାସ ଦିବସ ରୂପେ ପାଳନ କରିଥିଲୁ । ଅତୀତର ସ୍ମୃତି ରୋମନ୍ଥନ କଲେ ତାଙ୍କର ଆଖିରେ ଲୁହ ଆସେ ବୋଲି ମୁଁ ସେଦିନ ସାକ୍ଷାତକାର ବେଳେ ଅନୁଭବ କରିଥିଲି । ସେତେବେଳେ ସେମାନଙ୍କର ଅନେକ ସ୍ୱପ୍ନଥିଲା । ସ୍ୱାଧୀନତା ପରେ ଦେଶ ସୁଖ, ଶାନ୍ତିରେ ଚାଲିବ, ଅନ୍ୟାୟ ରହିବ ନାହିଁ । ଦରିଦ୍ର ଲୋକଟିର କଥା ଶୁଣିବା ପାଇଁ ସରକାର ସର୍ବଦା ପ୍ରସ୍ତୁତ ରହିବେ । ସମସ୍ତେ ଶାସନ ବ୍ୟବସ୍ଥାରେ ଭାଗ ନେଇପାରିବେ । ବାସ, ଗ୍ରାସ, ଶିକ୍ଷା, ଉପବାସ ଏଥିରେ କାହାରି ଅଭାବ ରହିବ ନାହିଁ । ସୁନାର ଭାରତ ସ୍ୱପ୍ନ ହେବାର ଥିଲା ଆମର ସ୍ୱପ୍ନ । କିନ୍ତୁ ଏସବୁ ଆଶା ଆକାଂକ୍ଷା ଏବେ ଲୋକଙ୍କଠାରୁ ବହୁ ଦୂରରେ । ଦେଶରେ ଏବେ ନ୍ୟାୟ ବୋଲି କିଛି ନାହିଁ । ବିଚାରପତିମାନେ ଲୋକଙ୍କୁ ନ୍ୟାୟ ଦେବାପାଇଁ ବର୍ଷ ବର୍ଷ ବିତିଯାଉଛି । ବିଚାର ଯଥାଶିଘ୍ର ହେଉ ନଥିବାରୁ ଲୋକମାନେ ସମୟାନୁକ୍ରମେ ମରିଯାଉଛନ୍ତି । ବିଶ୍ୱାସ କରିବେନି, ଏଇ ଗତ କିଛିଦିନ ତଳେ ତାଙ୍କର ଜଣେ ପଡ଼ୋଶୀ ତାଙ୍କ ବିରୋଧରେ ଏବଂ ତାଙ୍କ ନାମରେ ମିଥ୍ୟା ଅଭିଯୋଗ କରି ନାକେଦମ୍ କରିଦେଲେ । ଏଥିପାଇଁ ତାଙ୍କୁ ହାଇକୋଟ ପର୍ଯ୍ୟନ୍ତ ଯିବାକୁ ପଡ଼ିଲା ଏବଂ ଶେଷରେ ବହୁବର୍ଷ ପରେ ସାମାନ୍ୟ ଘଟଣାରେ ତାଙ୍କର ଡ଼ିକ୍ରୀ ହେଲା ତତ୍ ସହିତ ତାର ଆତ୍ମାକୁ ଖୁସୀ କରାଇବା ପାଇଁ ତାଙ୍କ ବାସଭବନରେ ଯାଇ କ୍ଷମା ମାଗିଲେ । କିନ୍ତୁ ସମସ୍ତେ କ’ଣ ହାଇକୋର୍ଟ ପର୍ଯ୍ୟନ୍ତ ଯାଇପାରିବେ ? ଗାନ୍ଧିଜୀଙ୍କର ସ୍ୱପ୍ନ ଥିଲା ନ୍ୟାୟ ଦୁଆରେ ଦୁଆରେ ମିଳିବ ବୋଲି ହେଲେ କାହିଁ ବୋଲି ମୋତେ ପ୍ରଶ୍ନ କରିଥିଲେ । ଦୁର୍ନୀତି କ’ଣ ଆମେ ସ୍ୱପ୍ନରେ ସୁଦ୍ଧା ଭାବିନଥିଲୁ । କିନ୍ତୁ ଅତ୍ୟନ୍ତ ଦୁଃଖ ଲାଗୁଛି, ଏବେ ଦୁର୍ନୀତି ନିତୀ, ଆଦର୍ଶରେ ପରିଣତ ହୋଇଗଲାଣି । କେହିବି ଆଜି ସନ୍ଦେହରୁ ମୁକ୍ତ ନୁହଁନ୍ତି । ସାଧୁସନ୍ଥମାନଙ୍କୁ ଏଠି କୌଣସି ସମ୍ମାନ ନାହିଁ । ଫଳରେ ଅନ୍ୟଜଣେ ଭଲକାମ କରିବା ପାଇଁ ଉତ୍ସାହିତ ହେବ କେମିତି ? ବାସ, ଗ୍ରାସ, ଶିକ୍ଷା ଏଯାଏଁ ସମସ୍ତଙ୍କୁ ମିଳିନି । ଭାରତର ସ୍ୱାଧୀନତାକୁ ଧନତନ୍ତ୍ର, ଅମଲାତନ୍ତ୍ର ତଥା ଦଳତନ୍ତ୍ର ଚାପି ଦେଉଛି, ପେଶି ହେଉଛି । ସଂକ୍ଷେପରେ କହିବାକୁ ଗଲେ ଆଜିର ସ୍ୱାଧୀନତା ଧନୀମାନଙ୍କର ସ୍ୱାଧୀନତା, ଧନୀମାନଙ୍କ ପାଇଁ ସ୍ୱାଧୀନତା ଏହି ସ୍ୱାଧୀନତା କେବଳ ସହରରେ ଅଟକି ଯାଇଛି । ଜନସାଧାରଣ ଯେଉଁ ତିମିରକୁ ସେହି ତିମିରେ । ଦେଶର ଏ ଅବସ୍ଥା ପାଇଁ ରାଜନୈତିକ ଅବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବରେ ଦାୟୀ ବୋଲି ସେ ଜୋର ଦେଇ ମୋତେ ବଖାଣିଥିଲେ । ନେହେରୁ ମଧ୍ୟ କିଛି କମ୍ ପରିମାଣରେ ଦାୟୀ ନୁହଁନ୍ତି ଏଥିପାଇଁ । ଗାନ୍ଧୀଙ୍କ ଆଦର୍ଶକୁ ସମ୍ପୂର୍ଣ୍ଣ ଏଡ଼ାଇଯାଇ ନିଜ ନୀତିରେ ଶାସନ କରି ସେ ବିରାଟ ଭୁଲ୍ କରିଛନ୍ତି । ସେ ଅନ୍ଧ ଭାବରେ ଦଳୀୟ ଶାସନ କଲେ, ନିରପେକ୍ଷ ଶାସନ ରହିଲାନି । ପଂଚାୟତିରାଜ ବ୍ୟବସ୍ଥା ଉପରେ ସେ ଆଦୌ ଗୁରୁତ୍ୱ ଦେଲେନି । ଦେଶରେ ବର୍ତ୍ତମାନ ପରିସ୍ଥିତିକୁ ଦେଖିଲେ ଖୁବ୍ ଦୁଃଖ ଲାଗେ । ମନେପଡ଼େ ପୂର୍ବର ସେ ସ୍ୱପ୍ନ । ଛାଡ଼ନ୍ତୁ, ତେବେ ଏମିତି ଅବସ୍ଥା ସୁଧୁରିବା ବଡ଼ କଷ୍ଟର ବ୍ୟାପାର ବୋଲି ଭାବବିହ୍ୱୋଳ ହୋଇ ହୃଦୟର କଥା କହିଥିଲେ । ଯଦି କୌଣସି ଦୈବୀଶକ୍ତି କାମକରେ କିମ୍ବା ପୁନଃ ଜାଗରଣ ସୃଷ୍ଟିହୁଏ, ତେବେ କିଛିଟା ହୋଇପାରେ, ନହେଲେ ନାହିଁ । ଏହାଥିଲା, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ସୁପୁତ୍ର, ଯୋଗଜନ୍ମା ବ୍ୟକ୍ତିତ୍ୱ ମହାନ୍ ସ୍ୱାଧୀନତା ସଂଗ୍ରାମୀ ଓ ସାହିତ୍ୟିକ ଗୌରଚନ୍ଦ୍ର ମହାପାତ୍ରଙ୍କ ସହିତ ମୋର ସାକ୍ଷାତକାର । ସ୍ୱାଧୀନତା ସଂଗ୍ରାମର ଆଳାପ, ଆଲୋଚନା, ପର୍ଯ୍ୟାଲୋଚନା, ସମାଲୋଚନାର ସଂକ୍ଷେପରେ । ଆହୁରି ଅନେକ ଇତିହାସ ଦୁଇଘଂଟାରୁ ଅଧିକ ସମୟରେ ବର୍ଣ୍ଣନା କରିଥିବା ତାଙ୍କର ଆଦର୍ଶକୁ ଏହି ଅଳ୍ପକେ ପୂର୍ଣ୍ଣାଙ୍ଗ ହେବା ଅସମ୍ଭବ ବୋଲି ମୁଁ ଏଠାରେ ସ୍ୱାଧୀନତାର ସ୍ୱାଦକୁ ସମାପ୍ତ କରୁଅଛି । ଜୟ ସ୍ୱାଧୀନ ଭାରତ ମାତା, ଜୟହିନ୍ଦ୍ ।

*ରାଜ୍ୟ ସଭାପତି, ଓଡ଼ିଶା ସାମ୍ବାଦିକ ସୁରକ୍ଷା ସଂଗଠନ, ଜାତୀୟ ସ୍ତରର ସାମ୍ବାଦିକ, ସ୍ତମ୍ଭକାର, ଇଣ୍ଡିଆନ ନିୟୁଜ ସାଇଟ୍, ସାମନ୍ତରାପୁର ପୁରୁଣା ଭୁବନେଶ୍ୱର-୨, ମୋ :- ୭୮୪୮୮୯୮୪୫୬*

# ସାରସ୍ୱତ ଶିକ୍ଷାବିତ ସୁଧାଂଶୁବାଳା ସାମଲଙ୍କ ସ୍ମୃତିରେ......



ଅରବିନ୍ଦ ତ୍ରିପାଠୀ


ଶିକ୍ଷା ମନୁଷ୍ୟକୁ ଅନ୍ଧାରରୁ ଆଲୋକ ଆଡ଼କୁ ନେବାସହିତ ଚରିତ୍ର ଗଠନ, ନୈତିକ ମୂଲ୍ୟବୋଧ, ବିଦ୍ୟାର୍ଥୀକିପରି ସମାଜରେଉ□ମମଣିଷହେବା ସହିତରାଷ୍ଟ୍ର ପାଇଁ ନିଜରଶ୍ରେଷ୍ଠତ୍ୱ ଦେବେ, ତାହାରାସକଳ ପ୍ରକାର ପ୍ରୟାସ ଏକ ଉ□ମଗୁରୁ କରିଥାନ୍ତି । ଏହିପରି ଜଣେ ଶିକ୍ଷୟିତ୍ରୀ, ଶିକ୍ଷାବିତ, ସରଳ, ନିଷ୍ଠାପର, ଦକ୍ଷ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ ସମସ୍ତଙ୍କର ପ୍ରିୟ ସୁଧାଂଶୁବାଳା ସାମଲ । ସୁଦ୍ଧା ଦିଦି କହିଲସେମସ୍ତେ ଜାଣନ୍ତି ।ମୋର ପ୍ରାଥମିକ ବିଦ୍ୟାଳୟ ସମୟରେ ପ୍ରଥମ ଶ୍ରେଣୀରୁ ପଂଚମମ ଶ୍ରେଣୀ ପର୍ଯ୍ୟନ୍ତ (୧୯୮୨ ରୁ ୮୬) ବ୍ରହ୍ମେଶ୍ୱର ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷୟିତ୍ରୀଭାବେ କାର୍ଯ୍ୟ କରିବାସହିତବିଦ୍ୟାର୍ଥୀଙ୍କୁ ଅତି ସୁନ୍ଦରସରଳ ଭାବରେ ଶିକ୍ଷାଦାନ କରୁଥିଲେ । ତାଙ୍କସହିତ ମୋବୋଉ (ତିଳୋ□ମାମିଶ୍ର) ମଧ୍ୟ ଆମର ଗୁରୁ ଥିଲେ ।ତାଙ୍କ ପରିବାର ସହିତ ଆମର ଉତମବନ୍ଧୁତ୍ୱ ଥିଲା । ବିଶେଷ ଭାବେଲରା ଓ ସେଲି ନାନୀ (ଝିଅ)ଙ୍କୁ ସର୍ବଦା ଭଲ ମନ୍ଦ ପଚାରିବାସ ହିତକୌଣସିବାର୍ତ୍ତା ଅବା ପରାମର୍ଶ ଦେବାରନେବାର ଥିଲେଉଭୟସୁଦ୍ଧା ଦିଦି ଓ ବୋଉ ବହୁସମୟରେ ବିଦ୍ୟାଳୟ ପରେ କଥା ହୁଅନ୍ତି । ସୁଦ୍ଧା ଦିଦି ମଧ୍ୟ ଆମ ଘରର ଭଲମନ୍ଦ ସମ୍ପର୍କରେସର୍ବଦା ପଚାରି ଥାନ୍ତି ।କୌଣସି



ଦିନ ବୋଉବିଦ୍ୟାଳୟକୁ ନ ଆସିଲେ ବ୍ୟସ୍ତହୋଇମୋତେ ନ ଆସିବାର କାରଣସ୍ୱାସ୍ଥ୍ୟ ଅବା ଅନ୍ୟ କାରଣ ଅଛି ତାହାଜାଣିବା ପ୍ରୟାସକରନ୍ତି । ଜଣେସରଳ, ନିଷ୍ଠାପର, ଦକ୍ଷ ଶିକ୍ଷୟିତ୍ରୀଭାବେସମଗ୍ର ଅ□ଳରେ ଏକ ସ୍ୱତନ୍ତ୍ର ନାମ ଥିଲାତାଙ୍କର ।ବିଦ୍ୟାଳୟର ପ୍ରଧାନ ଶିକ୍ଷକହୋତାସାର (ଅନିରୁଦ୍ଧ ହୋତା) ସବୁବେଳେବୋଉ ଓ ସୁଦ୍ଧା ଦିଦିଙ୍କସହିତ ଆବଶ୍ୟକ ପରାମର୍ଶ ନିଅନ୍ତି । ଆରେ ବାପିଘରେ ସବୁକେମିତି ଅଛନ୍ତି ? ପଚାରିବେମୋର ଯାହାସ୍ମରଣ ଅଛି । ଶିଶୁପାଳ ଘର ପ୍ରତିଷ୍ଠା ପୂର୍ବରୁବୋଉଙ୍କୁଯୋଗାଯୋଗକରି ଆସିବା ପାଇଁକହିଥିଲେ । ମୋସହିତ ମଧ୍ୟ ଦୁଇଥର କଥା ହେଇଛନ୍ତି । ସ୍ୱାସ୍ଥ୍ୟସମସ୍ୟା ପାଇଁବୋଉ ଅନୁପସ୍ଥିତ ରହିବେବୋଲିକହିବାରୁ ମନ ଖରାପ କରିଥିଲେ । ସେ ଦିନ ଘର ପ୍ରତିଷ୍ଠାରମୁଁ ଓ ମୋର କିଛି ସହପାଠୀ ତାଙ୍କସହିତଫୋଟୋଉଠେଇ ଥିଲୁ ଓ ବହୁତ କଥା ହୋଇଥିଲୁ । ଆସି ସେ ନାହାଁନ୍ତି ଶୁଣିମୁଁଗଭୀରମର୍ମାହତ ।ଲେଖିବାକୁ ଶବ୍ଦ ନାହିଁ ।ଭଗବାନ ତାଙ୍କୁଶାନ୍ତି ଓ ସଦଗତି ପ୍ରଦାନ କରନ୍ତୁ । ତାଙ୍କ ଅମ୍ଳାନ ଆତ୍ମା ପ୍ରତିଗଭୀରଶ୍ରଦ୍ଧାଳି ଅର୍ପଣ କରୁଛି ।

*ପୁରାତନ ବିଦ୍ୟାର୍ଥୀତଥା ମୁଖପାତ୍ର, ପୁଜ୍ୟ ପୂଜାସଂସ୍କୃତିସୁରକ୍ଷା ଅଭିଯାନ, ଭୁବନେଶ୍ୱର,ମୋ-୯୯୩୭୬୮୯୬୮୩*













# ରଖିବା ଦେଶର ଟେକ

◆ ରାମଚନ୍ଦ୍ର ବେହେରା




ଅଗଷ୍ଟ ପନ୍ଦର ଶୁଭ ଲଗନେ
ତ୍ରିରଂଗା ଉଡୁଛି ନୀଳ ଗଗନେ
ସେ ଆମ ମାନ ସମ୍ମାନ
ତା'ର ପାଦ ତଳେ ଜାତୀୟ ସଂଗୀତ
କରିବା ହରଷେ ଗାନ ।
କେଶରୀ ଧବଳ ସବୁଜ ରଂଗେ
ଚକ୍ର ଶୋଭାପାଏ ଧବଳ ମଧ୍ୟେ
କି ସୁନ୍ଦର ତା'ର କାନ୍ତି
ହୋଇ ସ୍ୱାଭିମାନୀ ବାଂଟି ସ୍ନେହ ଶ୍ରଦ୍ଧା
ପରଶି ଦେଉଛି ଶାନ୍ତି ।
କେଶରୀ ଦିଅଇ ସାହସ ତ୍ୟାଗ
ଧବଳ ବାଂଟଇ ଶାନ୍ତିର ଭାବ
ସବୁଜ ଭରେ ବିଶ୍ୱାସ
ଅଶୋକ ଚକ୍ରଟି ବିଶ୍ୱ ପ୍ରେମ ବାର୍ତ୍ତା
ଦେଉଛି ହୋଇ ହରଷ ।
ଆସ ତ୍ରିରଂଗାର କରି ସମ୍ମାନ
ବୀର ସନ୍ତାନଂକୁ କରି ସ୍ମରଣ
ହାତରେ ହାତ ମିଳେଇ
ସ୍ୱାଧୀନ ମାଆର ଚରଣରେ ଆମେ
ତ୍ରିରଂଗା ଦେବା ଉଡାଇ ।
ଜାତୀୟତା ଭାବ ହୃଦେ ପରଖି
ଦେଶ ଅଖଣ୍ଡତା ବଜାୟ ରଖି
ଭୁଲି ଅତୀତର ଦୁଃଖ
ସତ୍ୟ ନ୍ୟାୟ ଧର୍ମ ହୃଦୟେ ଆଦରି
ରଖିବା ଦେଶର ଟେକ ।

*ତେନ୍ତୁଳିପଦା,ଜଗତସିଂହପୁର,ମୋ-୭୬୫୫୬୩୪୩୪୬*

# ୮୦ ବର୍ଷରେ ସ୍ୱାଧୀନତାର ନୂତନ ସୂର୍ଯ୍ୟୋଦୟ



ଆଜିର ବହୁ ପ୍ରତୀକ୍ଷିତ ଶୁଭ ନୂତନ ସୂର୍ଯ୍ୟ ଆର୍ବିର୍ଭାବ ହେବା ଅଫୁରନ୍ତ ଆନନ୍ଦ ପ୍ରତିବିମ୍ବିତ ଚିରାଚରିତ । କିନ୍ତୁ ଆଜିର ସୂର୍ଯ୍ୟ ସ୍ଲୋଗାନ ଦେଉଛି " ଭାରତ ପିଲା ଠାରୁ ବୟସ୍କ ପର୍ଯ୍ୟନ୍ତ ନୂତନ ପ୍ରଶିରାରେ । ପାହାନ୍ତାରୁ ସଜବାଜ ଗାଇ ଉଠନ୍ତି - " ଜନଗଣ ମନ ବିଧାତା ।" ଭାରତ ସ୍ୱାଧୀନତା ଇଂରେଜ ମାନଙ୍କ କବ୍‌ଜାରୁ ଆମ ସ୍ୱାଧୀନତା ସଂଗ୍ରାମୀ ମାନେ ମାଟି ମାଆ ପାଇଁ ସମର୍ପି ଦେଇ ସେଇ ସ୍ଲୋଗାନ ଥିଲା ଭାରତ ଏହି ମହାମନ୍ତ୍ରରେ ଅଭିମନ୍ତ୍ରିତ ବହୁ ଯୁବ ସେନା ଭାରତ ମାଆ ପାଇଁ ଆଣି ଦେଇଥିଲେ ସ୍ୱାଧୀନତା ସୂର୍ଯ୍ୟୋଦୟର ଝିଲମିଲ କିରଣ ଅବସରରେ ପୂର୍ବ ଆକାଶରେ ଯେପରି କ୍ଷଣି ସଭିଙ୍କ ମନ ଆକାଶରେ ଏକ ହେବାକୁ ଲାଗିଲା । ସୂର୍ଯ୍ୟ ଉଦୟ ତ ଉଦୟ କେଉଁ ଏକ ଅଫୁରନ୍ତ ଆନନ୍ଦର ମାତା କୀ ଜୟ" । ଏହି ଶୁଭନାଦ ଉନ୍ମାଦନା ଭରି ଦେଉଛି ତାଙ୍କ ଶିରା ହୋଇ ଭାରତମାତାକୁ ନମସ୍କାର କରି ଅଧିନାୟକ ଜୟ ହେ, ଭାରତ ଭାଗ୍ୟ ପ୍ରାପ୍ତିର ଆଜି ୮୦ ବର୍ଷରେ ପଦାର୍ପଣ । ପ୍ରିୟ ଜନ୍ମମାଟିର ମୁକ୍ତିଲାଗି ବହୁ ନିଃସ୍ୱାର୍ଥପର ଭାବେ ନିଜ ଜୀବନକୁ ଜାତୀୟତାର ସ୍ଲୋଗାନ ଦେଇ ଥିଲେ । ମାଆ ପାଇଁ ମହାଶକ୍ତି ପରି ମହାମନ୍ତ୍ର । ହୋଇ ଦେଶପ୍ରେମର ସ୍ପନ୍ଦନରେ ସ୍ପନ୍ଦିତ ପାଇଁ ନିଜକୁ ବଳି ଦେଇ ପରପିଢ଼ୀ । ଆଜିର ସ୍ୱାଧୀନତାପ୍ରାପ୍ତିର ନୂତନ ବିଜୟ ବର୍ଷାରେ ଭିଜିଭିଜି ସମସ୍ତେ ହଜିଯିବା ବିଜୟର ସ୍ୱାଦକୁ ନେଇ । ସ୍ୱାଧୀନତାର ସ୍ୱାଦ ଚାଖୁଥିବା ବେଳେ ମନେ ପଡ଼େ ସ୍ୱାଧୀନତାର ମହା ସଂଗ୍ରାମରେ ନିଜକୁ ବଳି ଦେଇଥିବା ପୁଣ୍ୟ ସଦା ସ୍ମରଣୀୟ ସ୍ୱାଧୀନତା ସଂଗ୍ରାମୀ ମାନଙ୍କୁ ଏବଂ ସେହି ସ୍ୱାଧୀନତା ସଂଗ୍ରାମୀ ମାନଙ୍କର ମହାମନ୍ତ୍ରର ଅଗ୍ନିବର୍ଷି, ହୃଦୟସ୍ପର୍ଶୀ ଆବେଗର ଆପ୍ଲୁତ...

◆ *ସ୍ମିତାରାଣୀ ଦାସ*

# ପ୍ରଣତି ତା' ଚରଣେ

◆ ବାଣୀପୁତ୍ର ନିତ୍ୟାନନ୍ଦ ପାଣିଗ୍ରାହୀ



ବୀର ପ୍ରସବିନୀ ଭାରତ ଜନନୀ
ପ୍ରଣତି ଜଣାଏ ତା' ଚରଣେ ଯେ
ପୁଣ୍ୟ ପ୍ରଭାତରେ ଅମୃତ ବେଳାରେ
ଶୁଭେ ତା' ବନ୍ଦନା ଲୋକ ଗହଣେ ।
ଅଛି ତା' ସ୍ମୃତିରେ ଅମର କାହାଣୀ
ଶୁଭିଲା ଶ୍ରୁତିରେ ଅହିଂସାର ବାଣୀ
ରହିଲା ବାଜିରେ ମୁକ୍ତିର ସଂଗ୍ରାମ
　　ଶୟନେ ସପନେ ସୁପ୍ତ ଚିନ୍ତନେ
ବିଦେଶୀ ବନ୍ଧୁକ କମାଣର ଗୁଳି
　　ବକ୍ଷ ଭେଦିଗଲା ବୀର ଗଲେ ଟଳି
ବିନିଦ୍ର ବିପ୍ଳବୀ ପାଂଚିଲେ ଉପାୟ
　　ବୁଝିଲେ ସମର ଲହୁ ବିହୁନେ ।
ବାପୁ ମହାତ୍ମାଙ୍କ ଶକତ ଡାକରେ
　　ଝାସ ଦେଲେ କେତେ ଅହିଂସା ସମରେ
ସତ୍ୟର ବିଜୟ ହୋଇ ସବୁ ଦିନ
　　ଉନ୍ମୁକ୍ତ ନୟନ ମୁକ୍ତି ଅଞ୍ଜନେ ।
ମୁକତିର ଗାଥା ଗାଏ ତରୁଲତା
　　ପାଷାଣ ଭୁଲିଛି ହୃଦୟର ବ୍ୟଥା
ମର୍ମ ଛୁଇଁ ଗାଏ ଜନଗଣମନ
　　ଜାତୀୟ ସଂଗୀତ ମଧୁର ଗାନେ ।

*ଈଶ୍ୱରପୁର, ସୋର, ବାଲେଶ୍ୱର*
*ଫୋନ- ୯୪୩୭୮୧୪୯୨୦*

# ଏ ଦିବସ ନୁହେଁ



◆ ସସ୍ମିତା ରାୟ

ତ୍ରିରଙ୍ଗା ଉତୋଳନ ର,
ନୁହେଁ ପ୍ୟାରେଡ୍ କି
ଭାଷଣ ଦେବାର ତାରିଖ ।
ମୁହଁରେ ଜାତୀୟ ସଙ୍ଗୀତ
ହାତରେ ସେଉ ବୁନ୍ଦୀ ର ଠୁଙ୍ଗା
ତ୍ରିରଙ୍ଗା କୁ ସମ୍ମାନ
ଭାରତ ମାତାର ଜୟ ଜୟକାର
ହୁଏତ ଆମର ଆଦର୍ଶ ।
କିନ୍ତୁ ଆଜି ବି......
ମନ ଭିତରେ
ଅଦୃଶ୍ୟ ଶିକୁଳିର ପଦଚିହ୍ନ ।
ଆମେ ଅସୁରକ୍ଷିତ
ପରିସ୍ଥିତି ର ଦାସ ।
ଭାଇ ଭାଇର ଶତ୍ରୁ,
ବାପା ପୁଅର ଶତ୍ରୁ,
ରାସ୍ତା କଡ଼ର
କ୍ଷୁଧାର୍ଥ ଲୁହର ଅକୁହା ବେଦନା,
ସମାଜରେ ନାରୀର ବିଭତ୍ସତା
କ'ଣ ଜାହିର୍ କରେ
ଆମେ ସ୍ୱାଧୀନ ? ?
ଦେଶ ଯେଉଁଠି ସ୍ୱାଧୀନ
ମନ କାହିଁକି କଳୁଷିତ ।
ହସିବ ପ୍ରତିଟି ମଣିଷ ।
ବୀର ସହିଦଙ୍କ ବଳିଦାନେ
ସ୍ୱାଧୀନ ଆମରି ଦେଶ
ଭାରତ ମାତାର ମାନ ରଖି
ଉତ୍ସର୍ଗିକୃତ କୋଟି ମନ ।
ଆସରେ ଆଜି ନେବା ଶପଥ
ଭାରତ ମାଟି ହେଉ ମହାନ
ଶାନ୍ତି ପ୍ରେମ ଭାଇଚାରା
ହେଉ ଆମର ଭବିଷ୍ୟତ ।

ଭୁବନେଶ୍ୱର

# ଦେଶପ୍ରେମ ଧର୍ମବିଶ୍ୱାସର ଏକ ଅବିଚ୍ଛେଦ୍ୟ ଅଙ୍ଗ



◆ମୌଲାନା ଫଜଲ ହକ ଖାନ୍

ଆଜି ଠାରୁ ଠିକ ୭୯ ବର୍ଷ ପୂର୍ବେ ବ୍ରିଟିଶ ଶାସନ କବଳରୁ ଆମ ପ୍ରିୟ ଭାରତ ବର୍ଷକୁ ଯେଉଁମାନେ ମୁକ୍ତ କରିଥିଲେ, ୮୦ତମ ସ୍ୱାଧୀନତା ଦିବସ ଅବସରରେ ସେହି ବୀର ସୂରୀମାନଙ୍କର ସ୍ମୃତିଚାରଣ କରାଯାଉଛି । ଏକ ଦୀର୍ଘ ସମୟ ଗୁଲାମୀର ଜଞ୍ଜିରରେ ବାନ୍ଧି ହୋଇ ରହିବା ପରେ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖ ଦିନ ଆମ ଦେଶ ସ୍ୱାଧୀନ ହେଲା । ଦେଶର ତତ୍‌କାଳୀନ ପ୍ରଧାନ ମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁ କହିଥିଲେ '" ହିନ୍ଦୁସ୍ତାନ ବହୁ ଧର୍ମ ଓ ଭାଷାଭାଷୀର ଦେଶ, ଯହିଁରେ ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟୀୟାନ, ଶିଖ, ବୌଦ୍ଧ ଓ ପାରସୀୟମାନେ ବାସ କରନ୍ତି । ସେମାନଙ୍କର ଦେଶ ପ୍ରତି ସମାନ ଅଧିକାର ରହିଛି । ଯେଉଁ ବ୍ୟକ୍ତି ଦେଶର ଏକତା ଓ ଅଖଣ୍ଡତା ବିରୁଦ୍ଧରେ ସ୍ୱର ଉତୋଳନ କରୁଛି, ସେ ଦେଶ ସହିତ ବିଶ୍ୱାସଘାତକତା କରୁଛି । ''ଆମ ଦେଶର ଏହା ପରମ ସୌଭାଗ୍ୟ ଯେ ଏହି ଦେଶରେ ଅନେକ ଅବତାର, ମହାପୁରୁଷ ଏବଂ ଧର୍ମପ୍ରବର୍ତ୍ତକ ଜନ୍ମ ନେଇ ଏ ମାଟିକୁ ପବିତ୍ର କରିଛନ୍ତି । ମାନବ ଜନ୍ମର ସାର ସେମାନେ ବୁଝାଇଛନ୍ତି । ମଣିଷ ଜାତି ସମସ୍ତେ ଭାଇ ଭାଇ ବୋଲି କହି ବସୁଧୈବ କୁଟୁମ୍ବକମ୍‌ର ପରିବେଶ ଗଢିଛନ୍ତି । ସେହି ମହାତ୍ମାମାନେ ଆମକୁ ସର୍ବେଭବନ୍ତୁ ସୁଖିନଃର ବାର୍ତା ଦେଇଛନ୍ତି । ସେମାନଙ୍କର ଶିକ୍ଷା ବିଶ୍ୱବ୍ୟାପୀ ଥିଲା । ବିଶ୍ୱ ଭାଇଚାରା ସୃଷ୍ଟି କରିବା ଏବଂ ବିଶ୍ୱ ଶାନ୍ତି ପ୍ରତିଷ୍ଠା କରିବା ସେମାନଙ୍କର ଲକ୍ଷ ଥିଲା । ରାମଙ୍କ ରାଜ୍ୟ, ଯୁଧୀଷ୍ଠିରଙ୍କ ନ୍ୟାୟ, ଦାନବୀର ହରିଶ୍ଚନ୍ଦ୍ରଙ୍କ ଦାନର ପରିବେଶ ଏବେ କାଳକ୍ରମେ ବିଲୁପ୍ତ ହୋଇ ଚାଲିଛି । ସ୍ତ୍ରୀ ଓ ପୁରୁଷ ପରି ମାତ୍ର ଦୁଇଗୋଟି ଜାତିକୁ ଏବେ ଏ କଳୀଯୁଗର ମଣିଷ ଭିନ୍ନ ଭିନ୍ନ ସମ୍ପ୍ରଦାୟରେ ବିଭକ୍ତ କରିସାରିଛି । କୁଟରାଜନୀତି ଏବେ ମଣିଷକୁ ନିଜ ହାତହତିଆର ରୂପେ ବ୍ୟବହାର କରୁଛି । ମଣିଷ ମଣିଷକୁ ଏବେ ଏପରି କାଟୁଛି ଯେପରି ପନିପରିବା କଟାଯାଉଛି । ତେବେ ଆମେ ପରାଧୀନ ରହି, ଗୋଲାମ ହୋଇ, କଷଣ ସହି,ସ୍ୱାଧୀନ ହେଲା ପରେ ଶିଖିଲେ କ'ଣ ଏବଂ ପାଇଲେ କ'ଣ ? ଏବେ ବି ଆମେ ଜଣେ ଅନ୍ୟ ଜଣକୁ ନାଲି ଆଖି ଦେଖାଉଛି । ଅନ୍ୟ ଠାରୁ କିଛି ପାଇବାର ଲାଳସା ରଖି ବସୁଛି । ଅନ୍ୟାୟ, ଅତ୍ୟାଚାର, ପାପାଚାର, ଦୂରାଚାର ଆମ ଅଭ୍ୟାସରେ ପରିଣତ ହୋଇ ସାରିଛି । ନାରୀ ନିର୍ଯାତନା, ଦୁଷ୍କର୍ମତା, ବ୍ୟଭିଚାରୀତା, ଦୁର୍ନିତି ଏବଂ ଭ୍ରଷ୍ଟାଚାର ସାଧାରଣ ହୋଇଗଲାଣି । ଅଧିକାଂଶ ଲୋକଙ୍କୁ ବସ୍ତୁର ଲାଳସା ଏବଂ ଧନର ନିଶା ଏତେ ମାତ୍ରାରେ ଘାରିଥାଏ ଯେ ସେମାନେ ନିଜ ଦେଶ ପ୍ରତି ବିଶ୍ୱସ୍ତ ହୁଅନ୍ତି ନାହିଁ, ବରଂ ସେମାନେ ଦେଶର ଆଇନକୁ ଉଲଂଘନ କରିଥାନ୍ତି । ବିଭିନ୍ନ ଅନୈତିକ କାର୍ଯ୍ୟ କରି ଅନ୍ୟର କ୍ଷତି ଘଟାଇବା, ବେଆଇନ କାର୍ଯ୍ୟରେ ଲିପ୍ତ ରହି ନିଜ ଦେଶକୁ ପ୍ରତାରିତ କରିବା, ଅସାଧୁ ଉପାୟରେ ଧନାଦି ଉପାର୍ଜନ କରିବା ଓ ଜାଲିଆତି କରି ଅନ୍ୟର ଅର୍ଥ ଆତ୍ମସାତ କରିବା । ସମସ୍ତ ସୀମା ଉଲଂଘନ କରି ଦେଶ ତଥା ସମାଜର ପ୍ରଭୂତ କ୍ଷତି ସାଧନ କରିବା ଇତ୍ୟାଦି ଦୈନ୍ୟନ୍ଦିନର କାର୍ଯ୍ୟକଳାପ ହୋଇଯାଇଛି । ଦେଶ ବା ସରକାରଙ୍କ ବିରୁଦ୍ଧରେ ବିଦ୍ରୋହ କରିବା, ବିଶ୍ୱାସଘାତକତା ଏବଂ ପ୍ରତାରଣାମୂଳକ କାର୍ଯ୍ୟ କରିବା ବାରଣ ଥାଇ ମଧ୍ୟ ଏପରି କାର୍ଯ୍ୟ ଯୋଗୁଁ ଦେଶ ଓ ଜାତିର ନିରାପତା ତଥା ଶାନ୍ତି ବ୍ୟାହତ ହୋଇଥାଏ । ପୁଣି ଏଗୁଡିକ ଏକ ଦେଶ ବିରୋଧୀ ଆନ୍ତର୍ଘାତୀ କାର୍ଯ୍ୟକଳାପ । ପୂର୍ବାଲୋଚିତ ସମସ୍ତ ଦିଗକୁ ବିଚାର କଲେ, ଆମେ ଏହି ସିଦ୍ଧାନ୍ତରେ ଉପନୀତ ହେବା ଯେ ଜଣେ ବ୍ୟକ୍ତି ନିଜ ଦେଶ ପ୍ରତି ବିଶ୍ୱାସଭାଜନ ହେବା ସକାଶେ ତା ପାଇଁ ଧୈର୍ଯ୍ୟ ଓ ସହନଶୀଳତା ଏକାନ୍ତ ଆବଶ୍ୟକ । ଏହା ତା'ର ନୈତିକ ଗାରିମାକୁ ଉଦ୍ ?ଭାସିତ କରାଏ ଏବଂ ମାତୃଭୂମିର ସମସ୍ତ ଆଇନ କାନୁନକୁ ପାଳନ କରିବା ପାଇଁ ସେ ଅନୁପ୍ରାଣୀତ ହୁଏ । ଦେଶର ଅନେକ ଭାଗରେ ସରକାରଙ୍କ ନୀତି ବିରୁଦ୍ଧରେ ପ୍ରତିବାଦକରି ଜନତା ଧର୍ମଘଟରେ ସାମିଲ ହୁଅନ୍ତି । ଅନେକ ଜାଗାରେ ବିକ୍ଷୋଭ ପ୍ରଦର୍ଶନକାରୀମାନେ ଭଙ୍ଗାରୁଜା ଓ ପୋଡାଜଳା କରି ଅନେକ ଧନ ଜୀବନ ନଷ୍ଟ କରୁଛନ୍ତି । ସେଥିରେ ଅନେକ ସରକାରୀ ଓ ବେସରକାରୀ ସମ୍ପତି ମଧ ଧ୍ୱଂସ ହୁଏ । ଦେଶପ୍ରେମ ନାମରେ ଏହି କାଣ୍ଡ ଭିଆଉ ଥିବାର ସେମାନେ ଦାବି କରନ୍ତି ସିନା ମାତ୍ର ପ୍ରକୃତ ପକ୍ଷେ ସେମାନଙ୍କ ଆଚରଣରେ ଦେଶ ପ୍ରତି ଭକ୍ତି ଓ ସମ୍ମାନ ପ୍ରଦର୍ଶନ ଲେଶ ମାତ୍ର ଚିହ୍ନ ନଥାଏ । ଏହା ମନେ ରଖିବାକୁ ହେବ ଯେ କୌଣସି ହିଂସାକାଣ୍ଡଜନିତ କ୍ଷୟକ୍ଷତି ବା ଅପରାଧ ନ କରି ବିଭିନ୍ନ ଧର୍ମଘଟ ଶାନ୍ତିପୂର୍ଣ୍ଣ ଭାବରେ ଆୟୋଜିତ ହେଉଥିଲେ ସୁଦ୍ଧା ଏହାର ପରିଣାମ ନକାରାତ୍ମକ ହୋଇଥାଏ । ଶାନ୍ତିପୂର୍ଣ୍ଣ ଧର୍ମଘଟ ସତ୍ତ୍ୱେ ଅନେକ ଦେଶରେ ଅର୍ଥନୈତିକ ବ୍ୟବସ୍ଥା ଗୁରୁତର ଭାବେ ପ୍ରଭାବିତ ହୁଏ, ଯଦ୍ୱାରା ସେହି ଦେଶ କୋଟି କୋଟି ଟଙ୍କାର ଆର୍ଥିକ କ୍ଷତି ସହିବାକୁ ବାଧ ହୁଏ । ଏହାକୁ କୌଣସି ପରିସ୍ଥିତିରେ ବି ଦେଶ ପ୍ରତି ଭକ୍ତି ଓ ବିଶ୍ୱସନୀୟତା କୁହାଯାଇ ପାରିବ ନାହିଁ । ଏହାକୁ ସୁବ୍ୟବସ୍ଥିତ କରିବା ଆମ ରାଷ୍ଟ୍ରର ପ୍ରତ୍ୟେକ ନାଗରିକଙ୍କ ପରମ କର୍ତବ୍ୟ । ଆମ ଦେଶର ଶାସକଙ୍କ ପ୍ରତି ଆଜ୍ଞାନୁବର୍ତୀ ହେବା ପ୍ରତ୍ୟେକ ନାଗରିକଙ୍କ ପ୍ରତି ଅପରିହାର୍ଯ୍ୟ । ଦେଶରେ କୌଣସି ପ୍ରକାରର ଧର୍ମଘଟ ବା ବିକ୍ଷୋଭ ପ୍ରଦର୍ଶନ କରିବାକୁ ଯଦି ଆଇନ ସଂଗତ ଅନୁମତି ପ୍ରଦାନ କରେ, ତେବେ ସେହି ଦେଶର କୌଣସି କ୍ଷତି ନ ଘଟାଇ ଅଥବା ଜାତୀୟ ସମ୍ପତି ଧ୍ୱଂସ ନ କରି ଯାହା କି ଆର୍ଥିକ ଅବନତିର କାରଣ ହେବ, ଧର୍ମଘଟକାରୀ ଓ ବିକ୍ଷୋପ ପ୍ରଦର୍ଶନକାରୀମାନେ ସତର୍କତା ମୂଳକ ପଦକ୍ଷେପ ଗ୍ରହଣ କରିବା ଉଚିତ । ପରିଶେଷରେ ଏତିକି କୁହାଯାଇପାରେ ଯେ ଆଜି ପୃଥିବୀ ଗୋଟିଏ ଗୋଲାକାର ଗ୍ରାମରେ ପରିଣତ ହୋଇଛି । ପୃଥିବୀବାସୀ ଅତି ଘନିଷ୍ଠ ଭାବରେ ପରସ୍ପର ମଧ୍ୟରେ ସଂଯୁକ୍ତ ହୋଇଛନ୍ତି । ସବୁ ଜାତି, ଧର୍ମ ଓ ସଂସ୍କୃତିର ଲୋକମାନେ ଆମ ଦେଶରେ ଦେଖାଯାଆନ୍ତି । ତେଣୁ ଦେଶର ପ୍ରତ୍ୟେକ ନେତା ଏବଂ ନାଗରିକ ସାଧାରଣ ଅଧିବାସୀଙ୍କର ମାନସିକ ଆବେଗ ଓ ହୃଦୟର ଭାବନାକୁ ବିଚାରକୁ ନେଇ ସେଥିପ୍ରତି ସମ୍ମାନ ଜଣାଇବା ଆବଶ୍ୟକ । ସେଠାକାର ନେତା ଓ ପ୍ରଶାସନ ଏପରି ଆଇନ ପ୍ରଣୟନ କରିବାକୁ ଚେଷ୍ଟିତ ହେବା ଉଚିତ, ଯାହା ସତ୍ୟ ଓ ନ୍ୟାୟର ଅଶାନ୍ତର କାରଣ ହେବ ନାହିଁ । ଏକପକ୍ଷେ ଅନ୍ୟାୟ ଓ କ୍ରୁରତା ଲୋପ ପାଇବ ଓ ଅନ୍ୟ ପକ୍ଷେ ଆମେ ପ୍ରକୃତ ନ୍ୟାୟ ପାଇବା ପାଇଁ ସଦା ତତ୍ପର ହେବା । ତେବେ ଯାଇ ଆମେ ପ୍ରକୃତ ସ୍ୱାଧୀନ ବୋଲି କୁହାଇବା ଏବଂ ପ୍ରକୃତ ଶାନ୍ତି ଓ ସହିଷ୍ଣୁତା ପାଇ ପାରିବା । ଦେଶ ପ୍ରତି ସମ୍ମାନ ପ୍ରକଟ କରିପାରିବା । ଆମେ ପ୍ରକୃତ ନାଗରିକ ବୋଲାଇ ପାରିବା । ବିଶ୍ୱବ୍ୟାପ୍ତ ଅହମଦୀୟା ମୁସଲିମ ସମ୍ପ୍ରଦାୟର ପ୍ରବର୍ତକ ହଜରତ ମିର୍ଜା ଗୁଲାମ ଅହମଦ କୁହନ୍ତି, ହେ ମୋର ପ୍ରିୟ ଦେଶବାସୀ ! ଆପଣମାନେ ନିଜ ଭିତରେ ଭ୍ରାତୃଭାବ ସୃଷ୍ଟି କରନ୍ତୁ । ପ୍ରତ୍ୟେକ ସ୍ତରରେ ସାମ୍ବିଧାନିକ ଚୁକ୍ତି ଅନୁସାରେ କର୍ତବ୍ୟ ପାଳନ ପାଇଁ ଅଙ୍ଗୀକାରବଦ୍ଧ ହୁଅନ୍ତୁ । ଦିବ୍ୟ ବାର୍ତାବହ ପୈଗମ୍ବର ହଜରତ ମୁହମ୍ମଦ ସଲ୍ଲମ କୁହନ୍ତି ଦେଶପ୍ରେମ ଧର୍ମବିଶ୍ୱାସର ଏକ ଅବିଚ୍ଛେଦ୍ୟ ଅଙ୍ଗ । ତେଣୁ ନିଷ୍ଠାପୂର୍ଣ୍ଣ ଦେଶଭକ୍ତି ଅତିଆବଶ୍ୟକ । ବିଶ୍ୱପଟରେ ଏବଂ ଭାରତ ବର୍ଷର ଯେକୌଣସି ଅଂଚଳରେ ହେଉବା ନା କାହିଁକି ଅହମଦୀୟା ମୁସଲିମ ସମ୍ପ୍ରଦାୟର ସଭ୍ୟମାନେ ସର୍ବଦା ପ୍ରତ୍ୟେକ ପ୍ରକାରର ତ୍ୟାଗ ସ୍ୱୀକାର କରିବାକୁ ତତ୍ପର ହୋଇ ରହିଥାନ୍ତି । କାରଣ ସ୍ୱଦେଶ ପ୍ରେମ ଏବଂ ଦେଶ ପ୍ରତି ଅନୁରକ୍ତ ହେବା ପ୍ରତ୍ୟେକ ମନୁଷ୍ୟର ଜନ୍ମସିଦ୍ଧ ଅଧିକାର ବୋଲି ସେମାନେ ବିଶ୍ୱାସ କରନ୍ତି । ଆସନ୍ତୁ ଆମେ ସ୍ୱାଧୀନତାର ପ୍ରକୃତ ଅର୍ଥକୁ ବୁଝି ନିଜ ଦେଶ ପ୍ରତି ତ୍ୟାଗ ଓ ବଳିଦାନର କର୍ତବ୍ୟ ବହନ କରିବା । ଏବଂ ମେରା ଭାରତ ମହାନର ପ୍ରକୃତ ଦାୟଦ ବୋଲାଇବା । ଜୟ ହିନ୍ଦ୍ ।




*ମଙ୍ଗଳାବାଗ-କଟକ,*
*୯୬୯୨୨୨୫୦୫୭*

# ବାପୁଜୀଙ୍କ ଶରଧାବାଲି ସଭା



ଆଜିକୁ ପ୍ରାୟ ୩୦୦ ବର୍ଷ ତଳେ ସାବରମତୀର ସନ୍ଥ ପରମପୂଜ୍ୟ ବାପୁଜୀଙ୍କ ଓଡ଼ିଶା ଆଗମନ ସମୟରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପୂଣ୍ୟ ପାବନ କ୍ଷେତ୍ର ପୁରୀ ଶରଧା ବାଲିରେ ଏକ ସଭା ଆୟୋଜନ ହୋଇଥିଲା । ସନ୍ଧ୍ୟା ୬ଟା ବେଳେ ଏହି ବିରାଟ ସଭାରେ ଅନୂନ୍ୟ ଏକ ଲକ୍ଷରୁ ଉର୍ଦ୍ଧ୍ୱ ଜନସାଧାରଣ ଯୋଗ ଦେଇଥିଲେ । ପୂଜ୍ୟ ବାପୁଜୀଙ୍କୁ ପାଖରେ ଟିକିଏ ଦେଖି ତାଙ୍କ ଠାରୁ ଦୁଇପଦ ଶୁଣିବା ପାଇଁ ବିଶାଳ ଜନସମାଗମ ହୋଇଥିଲା । ସେଠାରେ ପୂଜ୍ୟ ବାପୁଜୀଙ୍କ ସହ କସ୍ତୁରବା, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ବିହାରର ସ୍ୱାଧୀନତା ସଂଗ୍ରାମୀ ରାଜେନ୍ଦ୍ର ପ୍ରସାଦ ଓ ଜଗବନ୍ଧୁ ସିଂହ ପ୍ରମୁଖ ସାମିଲ ଥିଲେ । ପ୍ରାରମ୍ଭରେ ଉତ୍କଳମଣି ଦୁଇପଦ ଆଗମନୀ ସମ୍ଭାଷଣ ପରେ ବାପୁଜୀ ଦେଢ଼ଘଂଟାରୁ ଉର୍ଦ୍ଧ୍ୱ ସମୟ ହିନ୍ଦୀରେ ତାଙ୍କ ବକ୍ତବ୍ୟ ରଖିଥିଲେ । ପୁରୀରେ ସେ ସମୟରେ ଦୁର୍ଭିକ୍ଷକୁ ସାମ୍ନା କରି ହଜାର ହଜାର ନରନାରୀଙ୍କ କଙ୍କାଳସାର ଚେହେରା ଏଠାରେ ମଧ ଦେଖି ତାଙ୍କ ଆଖିରେ ଲୁହ ଆର୍ସି ଯାଇଥିଲା । ପଣ୍ଡାମାନେ ପ୍ରଭୁ ଜଗନ୍ନାଥଙ୍କୁ ବିଦେଶୀ ଲୁଗା ପିନ୍ଧାଇଥିବାର ଦେଖି ଏ ସଭାରେ ଗାନ୍ଧିଜୀ ଗଭୀର ଦୁଃଖ ପ୍ରକାଶ କରିଥିଲେ ଏବଂ ଘୋଷଣା କରି କହିଥିଲେ ଯେ ଜଗନ୍ନାଥ ଦେବଙ୍କ ପହରଣ ସକାଶେ, ବଡ଼ଦେଉଳର ଧ୍ୱଜା ସକାଶେ ଓ ହିନ୍ଦୁ ଧର୍ମରକ୍ଷା ସକାଶେ ବିଦେଶୀ ଲୁଗା ପରିବର୍ତେ ହାତକଟା ଖଦୀଲୁଗା ଚଳାଇବାକୁ ଏବଂ ଜଗନ୍ନାଥ ଦେବଙ୍କ ଅଙ୍ଗଲାଗି ସକାଶେ ନିଜ ଖଦୀ ଲୁଗା ଯୋଗାଇ ଦେବେ । ଦୁର୍ଭିକ୍ଷ ପ୍ରପୀଡ଼ିତ ଅସ୍ଥିକଙ୍କାଳ ସାର ଜନତାର ଛିଣ୍ଡା ମଇଳା କନା ଓ ଶୁଷ୍କ ଶରୀର ଦେଖି ସେ ସେଇଠାରେ ସ୍ଥିର କଲେ, ଯେ ପର୍ଯ୍ୟନ୍ତ ଏ ଶ୍ରେଣୀର ଉତ୍କଳବାସୀ ତଥା ଭାରତବାସୀ ପେଟକୁ ପୁରା ଅନ୍ନ ଓ ପିନ୍ଧିବାକୁ ବସ୍ତ୍ର ନପାଇଛନ୍ତି ସେ ପର୍ଯ୍ୟନ୍ତ ତାଙ୍କର ଲୁଗା, କାମିଜି ପିନ୍ଧିବାର ଅଧିକାର ନାହିଁ । ସେହି ଦିନ ଠାରୁ ସେ ଲୁଗା କାମିଜି ପିନ୍ଧିବା ଛାଡ଼ି ଏକ ପ୍ରକାର କୌପିନ ପିନ୍ଧିବା ଆରମ୍ଭ କଲେ । ପତିତପାବନ ଜଗନ୍ନାଥ ଧାମରେ ଅସ୍ପୃଶ୍ୟତାର ଚିହ୍ନ ରହିବ ନାହିଁ । ନିଶାର ବ୍ୟବହାର ରହିବ ନାହିଁ । ଘରେ ଘରେ ଅରଟ ଚାଲିବ । ଗୋରକ୍ଷା ଓ ଧର୍ମରକ୍ଷାରେ ଲୋବେ ବ୍ରତୀ ହେବେ । ଯେଉଁଠାରେ ଚଣ୍ଡାଶୋକ ଧର୍ମାଶୋକ ହୋଇଥିଲେ ସେଠାରେ ସତ୍ୟ ଓ ଅହିଂସାର ବିଜୟ ହେବ, ଏ ଆଶା ପୋଷଣ କରି ସେ ପୁରୀଧାମରୁ ସନ୍ନ୍ୟାସୀ ବେଶ ଧାରଣ କଲେ । ଯେଉଁଠାରେ ଶଙ୍କର, ରାମାନୁଜ, ଚୈତନ୍ୟ ଓ ଅତିବଡ଼ି ଜଗନ୍ନାଦ ଦାସ ହିନ୍ଦୁଧର୍ମ ଓ ପ୍ରେମ ଧର୍ମର ପ୍ରଚାର କରିଥିଲେ ଗାନ୍ଧି ସେହିଠାରେ ଅହିଂସା ଧର୍ମର ପ୍ରଚାର କଲେ । ଆଧୁନିକ ଭାରତର ଇତିହାସରେ ସେ ଏକ ଅପୂର୍ବ ଅଧ୍ୟାୟ ଉଦ୍‌ଘାଟନ କରିଥିଲେ । ଏହିଠାରେ ଗାନ୍ଧୀ, ଗୋପବନ୍ଧୁଙ୍କ ଆଧାତ୍ମିକ ଭେଟ ଭଗବାନ ଓ ଭକ୍ତଙ୍କର ଭେଟ ବା ମିଳନ ପରି ସଂଘଟିତ ହୋଇଥିଲା । ଗାନ୍ଧିଜୀ ପରେ ବ୍ରହ୍ମପୁର ସମେତ ଓଡ଼ିଶାର ବିଭିନ୍ନ ସ୍ଥାନ ପରିଭ୍ରମଣ କରି ଉତ୍କଳବାସୀ ତଥା ଭାରତବାସୀଙ୍କୁ ସତ୍ୟ ଓ ଅହିଂସା ଧର୍ମରେ ଅଭୁତ ପ୍ରକାରେ ଅନୁପ୍ରାଣୀତ କରିଥିଲେ । ସେହି ପବିତ୍ର ସ୍ମୃତି ଗୋପବନ୍ଧୁଙ୍କର 'ବନ୍ଦୀର ଆତ୍ମକଥା'ରେ ପ୍ରତିଫଳିତ ଓ ପ୍ରତିଧ୍ୱନିତ ହୋଇଥିଲା । 'ସତ୍ୟ-ଶାନ୍ତି-ପଥେ ଚାଲ ଅବିରତ, ଗ୍ରାମେ ଗ୍ରାମେ ସର୍ବେ କର ପଂଚାୟତ । ଚଳାଅ ଅରଟ ଛାଡ଼ି ମନୁ ଭୀତି, ତେଜ ଉଚ୍ଚ ନୀଚ ଘୃଣା ଭେଦ ନୀତି । ଚୋରି ନାରୀ ନିଶା ଆଦି ଦୁରାଚାର, ନ କରୁ ଦୂଷିତ ଗ୍ରାମ ପରିବାର । ଏ ଆଚାରେ ହେବ ଜଗତ ମଙ୍ଗଳ, ଯଥାକାଳେ ମେଘ ବରଷିବ ଜଳ । ଧନ ଧାନ୍ୟେ ସୁଖୀ ହେବେ ପ୍ରଜାଗଣ, ନ ଦେଖେ କି ଭାଇ ଏ ଶୁଭ ସୂଚନ ? ଦେବଦୂତ ରୂପେ ପ୍ରଚାରି ସନ୍ଦେଶ, କରନ୍ତି ମହାତ୍ମା ନିଜ କାର୍ଯ୍ୟ ଶେଷ । ହେ ଉତ୍କଳବାସୀ, ସେ ସନ୍ଦେଶମାନ, କର୍ମେ ଲାଗ ସଦା ହୋଇ ସାବଧାନ । ଚାଲ ଏହି ପଥେ ମିଳିବ ମୁକତି, ଘେନ ମୋର ଏହି ବିଦାୟ ବିନତି ।' ଏବେ ଗାନ୍ଧୀ ନାହାନ୍ତି କି ଗୋପବନ୍ଧୁ ନାହାନ୍ତି ଏବଂ ମନେହୁଏ ତାଙ୍କ ପରେ ପରେ ଆଉ ସତ୍ୟ ନାହିଁ କି ଅହିଂସା ନାହିଁ । ସେତେବେଳେ ଗାନ୍ଧୀ ଗୋପବନ୍ଧୁ କସ୍ତୁରବାଙ୍କୁ ଦେଖିଲାବେଳେ ମନେ ହେଲା ଶ୍ରୀମନ୍ଦିରର ତ୍ରିମୂର୍ତି ଯେପରିକି ଏ ତ୍ରିମୂର୍ତି ରୂପେ ବାହାରେ ବିଦ୍ୟମାନ ଏବଂ ଚରଖା ଯେପରି କି ପବିତ୍ର ସୁଦର୍ଶନ ଚକ୍ର । ସେତେବେଳେ ଜନହୃଦୟରେ କି ପରିବର୍ତନ, କି ଆଲୋଡ଼ନ, ସେ ମହାପୁରୁଷମାନଙ୍କୁ ଯେ ଦେଖିଛନ୍ତି ସେ ଧନ୍ୟ । ସେ ଯୁଗ କଅଣ ଆଉ ଫେରିଆସିବ ? ଆଜି ପରମପୂଜ୍ୟ ବାପୁଜୀଙ୍କ ପାଇଁ ଦୁଇପଦ ଲେଖିଲାବେଳକୁ ତାଙ୍କ ସମର୍ପିତ ଜୀବନ ସାଧନାକୁ ଦେଖିଲେ କୋଟି କୋଟି ଗାନ୍ଧୀପ୍ରେମୀଙ୍କ ସହ ଏହି ଲେଖିକାର ଆଖିରେ ଲୁହ ଆସୁଛି । ମହାତ୍ମା ଗାନ୍ଧୀ ଆମ ଭାରତମାତାର ସବୁ ସନ୍ତାନ ନିଜ ଦେହ ପାଇଁ ଢ଼ାଙ୍କିବାକୁ ପୋଷାକରୁ ବଂଚିତ ହେଉଥିବାରୁ ନିଜେ ଆଣ୍ଠୁ ନ ଲୁଚୁଥିବା ଖଦୀ ଧୋତି ଓ ଅଧା ପୋଷାକ ନିଜେ ପିନ୍ଧୁଥିଲେ । ଏ ଦେଶ, ଏ ଜାତି ଆପଣଙ୍କୁ ହୃଦୟଭରା କୃତଜ୍ଞତା ବ୍ୟତୀତ ଆଉ କିଛି ହିଁ ଦେଇପାରିବ ନାହିଁ । ଲୋକମାନଙ୍କ ମନରେ ଆଜିବି ବିଶ୍ୱାସ ଘର କରିସାରିଛି କି ଏହି ସାବରମତିର ସନ୍ଥ ଥିଲେ ଦେବତା-ଦେବଅଂଶୀ-ଦେବରୂପୀ ଅବତାରୀ ପୁରୁଷ ଓ ମହାପୁରୁଷ, ମହାମାନବ-ମନୀଷୀ-ମହାତ୍ମା ।

# ସ୍ୱାଧୀନତା ଆନ୍ଦୋଳନରେ ବିଦେଶିନୀ

◆ ଡ଼ଃ.ଅରୁନ୍ଧତୀ ଦେବୀ

*ସ୍ୱାଧୀନତା ଓ ପରାଧୀନତାର ଲାଭ ଓ କ୍ଷତି ବିଷୟରେ ଆଜିର ଭାରତବର୍ଷର ଶିକ୍ଷିତ ନାଗରିକମାନଙ୍କୁ କିଛି ବୁଝାଇ କହିବାର ପ୍ରୟୋଜନ ନାହିଁ । ସମଗ୍ର ବିଶ୍ୱର ପ୍ରେକ୍ଷାପଟକୁ ତଥା ବିଭିନ୍ନ ଦେଶର ଶାସନ ବ୍ୟବସ୍ଥାକୁ ଅନୁଶୀଳନ କରି ଗଣତାନ୍ତ୍ରିକ ବ୍ୟବସ୍ଥା ଯେ ସର୍ବୋତ୍କୃଷ୍ଟ ପନ୍ଥା, ଏକଥା ମଧ୍ୟ ଜୋର ଦେଇ କହିବାର ଆବଶ୍ୟକତା ନାହିଁ । ଚଳିତ ବର୍ଷ ଭାରତ ସ୍ୱାଧୀନତା ଦିବସର ୭୫ବର୍ଷର ପୂର୍ତି ଅନୁଷ୍ଠିତ ହେବାକୁ ଯାଉଛି । ଭାରତର ଭୂଇଁ ବିଦେଶୀ ବିଦେଶିନୀମାନଙ୍କୁ ସର୍ବଦା ଆକର୍ଷିତ କରିଆସିଛି । ସେଭଳି ଚିରନ୍ତନ ଆକର୍ଷଣ ଏଡ଼ାଇ ନପାରି ଅନେକ ରହିଯାଇଛନ୍ତି ଭାରତରେ । ମିଶିଯାଇଛନ୍ତି ଭାରତୀୟ ସମାଜ-ସଂସ୍କୃତି ଭିତରେ । ଭାରତୀୟ ସ୍ୱାଧୀନତା ସଂଗ୍ରାମ ବେଳେ ଏକାଧିକ ବିଦେଶୀ ମହିଳା 'ଭାରତ' ନାମକ ମାୟାରେ ପଡ଼ି ସେଥିରେ ସାମିଲ ହୋଇଥିବାର ଜ୍ୱଳନ୍ତ ଦୃଷ୍ଟାନ୍ତମାନ ରହିଛି । ଆସ ସେଭଳି କେତେ ଜଣ ବିପ୍ଳବିନୀଙ୍କୁ ଜାଣିବା ।*

*ଭଉଣୀ ନିବେଦିତା :* ତାଙ୍କର ମୂଳ ନାମ ମାର୍ଗାରେଟ୍ ଏଲିଜାବେଥ୍ ନୋବେଲ୍ ଏବଂ ଜାତୀୟତା ଆଇରିସ୍ । ଆୟାରଲାଣ୍ଡର ଏକ ସଂଭ୍ରାନ୍ତ ପରିବାରରେ ଜନ୍ମିତ ନିବେଦିତା ସ୍ୱାମୀ ବିବେକାନନ୍ଦଙ୍କ ପଟ୍ଟଶିଷ୍ୟା ଭାବେ ସର୍ବତ୍ର ଜଣାଶୁଣା । ସ୍ୱାମୀଜି ହିଁ ତାଙ୍କୁ ଦେଇଥିଲେ 'ନିବେଦିତା' ନାମ । ରାମକୃଷ୍ଣ ମିସନ୍ ମଧ୍ୟରେ ରହି ସେ ଭାରତରେ ବ୍ରିଟିସ୍ ବିରୋଧୀ କାର୍ଯ୍ୟ କଳାପରେ ସାମିଲ କରିଥିଲେ ନିଜକୁ । ଫିରଙ୍ଗୀ ପୁଲିସ୍ କବଳରୁ ବର୍ତିବା ପାଇଁ ଦେଶତ୍ୟାଗ କରିବା ନିମନ୍ତେ ସେ ଶ୍ରୀ ଅରବିନ୍ଦଙ୍କୁ ପ୍ରଭାବିତ କରିଥିଲେ । ପୁଣି ତାଙ୍କ ଦ୍ୱାରା ପ୍ରକାଶିତ 'କର୍ମଯୋଗୀନ' ପତ୍ରିକାର ସଂପାଦନା ଦାୟିତ୍ୱ ନେଇଥିଲେ ।



*ଆଗ୍ନେସ୍ ସ୍ମେଡଲେ :* କୁହାଯାଏ ଆଗ୍ନେସ୍ ହେଉଛନ୍ତି ପ୍ରଥମ ବିଦେଶିନୀ ଯିଏ ଭାରତୀୟ ସ୍ୱାଧୀନତା ସଂଗ୍ରାମ ସହ ପରୋକ୍ଷ ଭାବେ ଜଡ଼ିତ ହେଇ କାରାଦଣ୍ଡ ଭୋଗିଥିଲେ ଆମେରିକାରେ । ଏହି ନାମଟି ସହ ଭାରତୀୟମାନେ ବିଶେଷ ଭାବେ ପରିଚିତ ନ ଥିଲେ ହେଁ ଏକଦା ସେ ଭାରତୀୟ ବିପ୍ଳବୀ ଲାଲ ଲାଜପତ୍ ରାଏ, ଶୈଳେନ୍ଦ୍ରନାଥ ଘୋଷ, ଭାଇ ଭଗବାନ ସିଂ, ତରକନାଥ ଦାସ, ବୀରେନ୍ଦ୍ରନାଥ ଚଟ୍ଟୋପାଧ୍ୟାୟ ଆଦିଙ୍କ ସହ ସଂପର୍କିତ ଥିଲେ, ସେମାନଙ୍କ ସହ ଆଲୋଚନାରେ ଭାଗନେବା ଠାରୁ ଆରମ୍ଭ କରି ନିଜର ଜନ୍ମଭୂମି ଆମେରିକାରେ ବ୍ରିଟିସ୍ ବିରୋଧୀ କାର୍ଯ୍ୟ-କଳାପରେ ସଂପୃକ୍ତ ଥିଲେ । ବୀରେନ୍ଦ୍ରନାଥଙ୍କ ସହ ଜର୍ମାନି, ରୁଷିଆ ଆଦି ଘୂରି ବୁଲି ସେ ଭାରତର ସ୍ୱାଧୀନତା ସପକ୍ଷରେ ସେଠାକାର ଶାସକମାନଙ୍କୁ ପ୍ରଭାବିତ କରିବା ପାଇଁ ଉଦ୍ୟମ କରିଥିଲେ ।

*ଆନିବେସାନ୍ତ :* ଭାରତୀୟ ସ୍ୱାଧୀନତା ସଂଗ୍ରାମ ସହ ପ୍ରତ୍ୟକ୍ଷ ଭାବେ ସଂପୃକ୍ତି ଥିବା ଆଉ ଜଣେ ବିଦେଶିନୀ ହେଲେ ଆନି ଉଡ୍ ଓରଫ ଆନି ବେସାନ୍ତ । ଲଣ୍ଡନ ଜନ୍ମିତ ଆନି ସତଚାଳିଶ ବର୍ଷ ବୟସରେ ଭାରତରେ ପଦାର୍ପଣ କରିଥିଲେ । ପ୍ରାରମ୍ଭିକ ସ୍ତରରେ ଭାରତରେ ସାମାଜିକ ସଂସ୍କାର ଏବଂ ଶିକ୍ଷାର ପ୍ରସାର ଆଦି କ୍ଷେତ୍ରରେ ସେ କାର୍ଯ୍ୟ କରିଥିଲେ । ପରେ ଭାରତୀୟଙ୍କ ପାଇଁ ସ୍ୱାଧୀନତା ଦାବି କରି ଏକ ରାଜନୈତିକ ଆନ୍ଦୋଳନ ଆରମ୍ଭ କରିଥିଲେ । ତାହା ଥିଲା ନ୍ତହୋମ୍-ରୁଲ୍ ମୁଭମେ' ନ୍ତନିଉ ଇଣ୍ଡିଆ' ପତ୍ରିକାରେ ସେ ନିୟମିତ ଭାବେ ବ୍ରିଟିସ୍ ସରକାର ବିରୋଧରେ ଲେଖୁଥିଲେ । ତାଙ୍କୁ ଗିରଫ କରି କିଛି ଦିନ କାରାଗାରରେ ଅଟକ ମଧ ରଖା ଯାଇଥିଲା । ୧୯୧୭ କଲିକତା ଜାତୀୟ କଂଗ୍ରେସରେ ତାଙ୍କୁ ଅଧକ୍ଷା ଭାବେ ମନୋନୀତ କରା ଯାଇଥିଲା





*ମୀରାବେନ୍ :* ମୀରାବେନ୍‌ଙ୍କ ମୂଳ ନାଁ ମ୍ୟାଡେଲିନ୍ ସ୍ଲାଡ୍ । ମ୍ୟାଡେଲିନ୍ ଜନ୍ମ ହୋଇଥିଲେ ଲଣ୍ଡନରେ ଜନୈକ ବ୍ରିଟିସ୍ ନୌ-ସେନାଧ୍ୟକ୍ଷ ସାର୍ ଏଡ଼ମଣ୍ଡ ସ୍ଲାଡ୍‌ଙ୍କ କନ୍ୟା ଭାବେ । ଉଚ୍ଚ ପଦସ୍ଥ ଇଂଲିସ୍ କର୍ମଚାରୀଙ୍କର ଏହି ଗେହ୍ଲା ଝିଅ ଶୈଶବରେ ମହାତ୍ମାଙ୍କ ଏକ ଲେଖା ପଢ଼ି ତାଙ୍କ ଆଦର୍ଶରେ ପରିଚାଳିତ ହୋଇଥିଲେ । ପରେ ସେ ଭାରତକୁ ନିଜର କର୍ମକ୍ଷେତ୍ର ଭାବେ ଗ୍ରହଣ କରି ମହାତ୍ମାଙ୍କ ଶିଷ୍ୟତ୍ୱ ଗ୍ରହଣ କରିଥିଲେ । ଭାରତୀୟ ସ୍ୱାଧୀନତା ଆନ୍ଦୋଳନରେ ଯୋଗଦେଇ ମ୍ୟାଡେଲିନ୍ ଏକାଧିକ ଥର ଜେଲ ଯାଇଥିଲେ । ମହାତ୍ମା ତାଙ୍କୁ 'ମୀରା' ନାମ ଦେଇ ଥିଲେ । ସାବରମତୀ ଆଶ୍ରମରେ ତାଙ୍କର ସମୟ କଟୁଥିଲା । ଭାରତ ଆସିବା ପରେ ଶାଢ଼ିକୁ ସେ ନିଜର ପରିଧେୟ ଭାବେ ଗ୍ରହଣ କରିଥିଲେ । ମହାତ୍ମାଙ୍କ ମୃତ୍ୟୁ ପରେ ସେ କିଛି ବର୍ଷ ଋଷିକେଶରେ ରହିବା ପରେ ଅଷ୍ଟ୍ରିଆ ଚାଲିଯାଇଥିଲେ ।

## ୮୦ତମ ସ୍ୱାଧୀନତା ଦିବସର ଅଭିନନ୍ଦନ



୮୦ତମ ସ୍ୱାଧୀନତା ଦିବସ ଅବସରରେ ସମଗ୍ର ଓଡ଼ିଶାବାସୀଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଅଛି ।

**ଶ୍ରୀଯୁକ୍ତ ବିଭୂତି ଭୂଷଣ ଜେନା**
ପରିବହନ, ଇସ୍ପାତ ତଥା ଖଣିଜ ମନ୍ତ୍ରୀ, ଓଡ଼ିଶା ସରକାର

## ୮୦ତମ ସ୍ୱାଧୀନତା ଦିବସର ଅଭିନନ୍ଦନ



୮୦ତମ ସ୍ୱାଧୀନତା ଦିବସ ଅବସରରେ ବ୍ରହ୍ମପୁର ସଂସଦୀୟ କ୍ଷେତ୍ରର ସମସ୍ତ ଭାଇ, ଭଉଣୀ ତଥା ଗୁରୁଜନମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଅଛି ।

**ଶ୍ରୀଯୁକ୍ତ ପ୍ରଦୀପ କୁମାର୍ ପାଣିଗ୍ରାହୀ**
ସାଂସଦ, ବ୍ରହ୍ମପୁର

## ୮୦ତମ ସ୍ୱାଧୀନତା ଦିବସର ଅଭିନନ୍ଦନ



୮୦ତମ ସ୍ୱାଧୀନତା ଦିବସ ଅବସରରେ ବ୍ରହ୍ମପୁର ବିଧାନସଭା କ୍ଷେତ୍ରର ସମସ୍ତ ଭାଇ, ଭଉଣୀ ତଥା ଗୁରୁଜନମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଅଛି ।

**କେ. ଅନିଲ୍ କୁମାର୍**
ବିଧାୟକ, ବ୍ରହ୍ମପୁର, ଓଡ଼ିଶା


# ରେଳ ଭବନରେ ରେଳ ମନ୍ତ୍ରୀଙ୍କ ନେତୃତ୍ୱରେ ତ୍ରିରଙ୍ଗା ରାଲି

ନୂଆଦିଲ୍ଲୀ: 'ହର ଘର ତିରଙ୍ଗା' ଅଭିଯାନ: ଦେଶପ୍ରେମ ଭତିକ ସାଂସ୍କୃତିକ କାର୍ଯ୍ୟକ୍ରମ ପାଳନ କଲା ଭାରତୀୟ ରେଳବାଇ କେନ୍ଦ୍ର ରେଳ ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ସ୍ୱାଧୀନତା ଦିବସର ପୂର୍ବସନ୍ଧ୍ୟାରେ ରେଳ ଭବନ ପରିସରରେ ଏକ ତ୍ରିରଙ୍ଗା ରାଲିର ନେତୃତ୍ୱ ନେଇଥିଲେ । ରେଳ ବୋର୍ଡର ଅଧକ୍ଷ ତଥା ସିଇଓ ସତୀଶ କୁମାର, ବୋର୍ଡର ସଦସ୍ୟ, ମହାନିର୍ଦ୍ଦେଶକ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଏହି ରାଲିରେ ଅଂଶଗ୍ରହଣ କରି ଦେଶପ୍ରେମ ଏବଂ ଜାତୀୟ ଏକତାର ସାମୂହିକ ଭାବନାକୁ ଦୋହରାଇଥିଲେ । ଭାରତୀୟ ରେଳବାଇ ଦେଶବ୍ୟାପୀ 'ହର ଘର ତିରଙ୍ଗା' ଅଭିଯାନରେ ସକ୍ରିୟ ଭାବେ ଅଂଶଗ୍ରହଣ କରୁଛି, ଯେଉଁଥିରେ ସମଗ୍ର ରେଳ ସଂଗଠନରେ ଦେଶପ୍ରେମ, ଜାତୀୟ ଗର୍ବ ଏବଂ ଏକତାର ଭାବନା ପାଳନ କରାଯାଉଛି । 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂ[illegible] ଉପଲକ୍ଷେ ତୃତୀୟ ପର୍ଯ୍ୟାୟ ସହିତ ସମନ୍ୱୟ ରକ୍ଷା କରି ଏହି ଅଭିଯାନର ଆୟୋଜନ କରାଯାଉଛି, ଏବଂ ଏହି ପ୍ରସିଦ୍ଧ ଜାତୀୟ ସଙ୍ଗୀତର ଐତିହାସିକ, ସାଂସ୍କୃତିକ ଏବଂ ଜାତୀୟ ଗୁରୁତ୍ୱ ଉପରେ ଆଲୋକପାତ କରିବା ପାଇଁ ରେଳ ଭବନରେ ଅନେକ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି । ଏହି ଉତ୍ସବର ଅଂଶବିଶେଷ ସ୍ୱରୂପ, ୨୦୨୬ ମସିହା ଅଗଷ୍ଟ ୧୦ ତାରିଖରେ ରେଳ ଭବନରେ 'ବନ୍ଦେ ମାତରମ୍'ର ୧୫୦ ବର୍ଷର ଯାତ୍ରା ଉପରେ ଏକ କୁଇଜ୍ ପ୍ରତିଯୋଗିତା ମଧ୍ୟ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ଅଧିକାରୀମାନଙ୍କୁ ଜାତୀୟ ସଙ୍ଗୀତର ସମୃଦ୍ଧ ଇତିହାସ ଏବଂ ଚିରସ୍ଥାୟୀ ପରମ୍ପରା ସହିତ ଜଡିତ ହେବାର ସୁଯୋଗ ପ୍ରଦାନ କରିଥିଲା ।








# ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ

ନୟାଗଡ଼ (ନିପ୍ର): ନୟାଗଡ଼ ନିର୍ବାଚନ ମଣ୍ଡଳୀ ଭାରତୀୟ ଜନତା ପାର୍ଟି ତରଫରୁ ଭାଜପାର ବରିଷ୍ଠ ନେତ୍ରୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ (ରାଣୀ ମା)ଙ୍କ ନେତୃତ୍ୱରେ 'ହର ଘର ତ୍ରିରଙ୍ଗା' କାର୍ଯ୍ୟକ୍ରମ ଅନ୍ତର୍ଗତ ଏକ ବିଶାଳ, ଦିବ୍ୟ ଓ ଭବ୍ୟ 'ତ୍ରିରଙ୍ଗା ଶୋଭା ଯାତ୍ରା' ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ପୂର୍ତ ବଙ୍ଗଳାଠାରୁ ପୁରୁଣା ରାଜବାଟୀ ପର୍ଯ୍ୟନ୍ତ ଆୟୋଜିତ ଏହି ଶୋଭାଯାତ୍ରାରେ ନୟାଗଡ଼ ସହର ଦେଶପ୍ରେମ ଓ ଜାତୀୟତା ବୋଧରେ ମୁଖରିତ ହୋଇଉଠିଥିଲା । ଶୋଭାଯାତ୍ରାର ଏକ ବିଶେଷ ଆକର୍ଷଣ ଥିଲା ପ୍ରାୟ ୨,୦୦୦ରୁ ଊର୍ଦ୍ଧ୍ୱ ମହିଳାଙ୍କ ଅଂଶଗ୍ରହଣ । ମହିଳାମାନେ ପ୍ରାୟ ୨୦୦ ମିଟର ଦୀର୍ଘ ବିଶାଳ ତ୍ରିରଙ୍ଗା ପତାକା ଧରି ଦେଶାତ୍ମବୋଧକ ସ୍ଲୋଗାନ ଦେଇ ନୟାଗଡ଼ ସହରର ମୁଖ୍ୟରାସ୍ତା ଦେଇ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଶୋଭାଯାତ୍ରାରେ ସାମିଲ ହୋଇଥିଲେ ।


ଶ୍ରୀ ଗଣେଶ ପଲି କ୍ଲିନିକ ଓ ଶ୍ରୁତି ଅଲଟ୍ରା ସାଉଣ୍ଡ
ନୂଆବଜାର, ଅସ୍ତଳ, ଭଦ୍ରକ, ଫୋ.-୦୬୭୮୪୨୪୧୦୮୯, ମୋ.-୯୪୩୯୪୪୩୦୪୪
BP Laboratory Cuttack, Blood Collection Centre
GANESH POLY CLINIC
Astal, Nayabazar, Bhadrak
Ph.- 06784-241089, Mob: 9439443044
ଶ୍ରୁତୀ ଅଲଟ୍ରା ମଦର କେୟାର
ଏଠାରେ ସମସ୍ତ ପ୍ରକାର ଅଲଟ୍ରା ସାଉଣ୍ଡ ଓ ସମସ୍ତ ପ୍ରକାର ରକ୍ତ ପରୀକ୍ଷା କରାଯାଏ

ମା' ତାରିଣୀ କ୍ଲିନିକ୍
ମୋ.-୦୬୭୮୪-୨୪୦୪୦୧, ୯୪୩୭୧୦୨୫୭୬
ମା ତାରିଣୀ କ୍ଲିନିକ୍
ଅଲଟ୍ରାସାଉଣ୍ଡ ଏଣ୍ଡ ଡିଜିଟାଲ ଏକ୍ସ-ରେ
ଦ୍ରୌପଦୀ କମ୍ପ୍ଲେକ୍ସ, ନୂଆବଜାର, ଭଦ୍ରକ
ଫୋ. ନଂ - ୦୬୭୮୪- ୪୫୬୦୫୨, ମୋ.-୯୭୭୭୬୧୨୫୨୬


## ସହାୟତାର ହାତ ବଢ଼ାଇଲେ ସରପଂଚ ଓ ବ୍ଲକ୍ ଉପାଧ୍ୟକ୍ଷ

ନୂଆପଡ଼ା (ନିପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ୍ ଅନ୍ତର୍ଗତ ସାନମହେଶ୍ୱର ଗ୍ରାମପଂଚାୟତର କୁଲିଗାଁରେ ଦେଖିବାକୁ ମିଳିଛି ଏକ ସଂବେଦନଶୀଳ ଘଟଣା । ଗତ କିଛି ଦିନ ତଳେ ହୋଇଥିବା ପ୍ରବଳ ବର୍ଷା ଯୋଗୁଁ ଗ୍ରାମର ଅସହାୟ ଦମ୍ପତି ବୈଦ୍ୟନାଥ ଶବର ଓ ପଦ୍ମାଦେଇ ଶବରଙ୍କ କଚ୍ଚା ଘରର ଗୋଟିଏ ପାଶ୍ୱର୍ ସମ୍ପୂର୍ଣ୍ଣ ଭାଙ୍ଗି ଚୁରମାର୍ ହୋଇ ଯାଇଥିଲା ।




୮୦ ତମ ସ୍ୱାଧିନତା ଦିବସ ଉପଲକ୍ଷେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ।

**ସରୋଜ କୁମାର୍ ରାଉଳ**
ସାଧାରଣ ସମ୍ପାଦକ, କରଞ୍ଜିଆ ଓକିଲ ସଂଘ



୮୦ ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ବାଲେଶ୍ୱର ଭଦ୍ରଖ କେନ୍ଦ୍ର ସମବାୟ ବ୍ୟାଙ୍କ ବାଲିଆପାଳ ଶାଖା ପକ୍ଷରୁ ବାଲିଆପାଳ ବ୍ଲକର ସମସ୍ତ ଜନ ସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

**ଅରୁଣ କୁମାର୍ ମାଇତି**
ଶାଖା ପରିଚାଳକ, ବାଲେଶ୍ୱର ଭଦ୍ରଖ କେନ୍ଦ୍ର ସମବାୟ ବ୍ୟାଙ୍କ ବାଲିଆପାଳ ଶାଖା ।












ସ୍ୱାଧୀନତା ଦିବସରେ ସୁଦର୍ଶନପୁର ପଂଚାୟତର ସମସ୍ତ ଗୁରୁଜନ ଏବଂ ଜନ ସାଧାରଣଙ୍କୁ ମୋ ତରଫରୁ ଅନେକ ଅନେକ ଶୁଭେଚ୍ଛା ।

**ଚନ୍ଦ୍ରକାନ୍ତ ମଲିକ**
ସରପଂଚ, ସୁଦର୍ଶନପୁର ଗ୍ରା:ପ ବାସୁଦେବପୁର, ଭଦ୍ରକ



ସ୍ୱାଧୀନତା ଦିବସରେ ଗୁଡ୍ ପଂଚାୟତର ସମସ୍ତ ଗୁରୁଜନ ଏବଂ ଜନ ସାଧାରଣଙ୍କୁ ମୋ ତରଫରୁ ଅନେକ ଅନେକ ଶୁଭେଚ୍ଛା ।


**ବାସନ୍ତୀ ପଣ୍ଡା**
ସରପଂଚ ଗୁଡ୍ ଗ୍ରା:ପ ସୋର, ବାଲେଶ୍ୱର

## ୮୦ତମ ସ୍ୱାଧୀନତା ଦିବସର ଅଭିନନ୍ଦନ




୮୦ତମ ସ୍ୱାଧୀନତା ଦିବସ ଅବସରରେ ବାଲେଶ୍ୱର ଜିଲ୍ଲାର ସମସ୍ତ ଭାଇ ଭଉଣୀ ତଥା ଜନସାଧାରଣଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଅଛି । ସମସ୍ତଙ୍କ ପାଇଁ ମଙ୍ଗଳମୟ ଓ ସୁଖମୟ ହେଉ ।

**ଡା. ଏସ୍. ଇକ୍‌ବାଲଉଦ୍ଦିନ ଅହମଦ୍**
ବରିଷ୍ଠ ଭେଷଜ ବିଶେଷଜ୍ଞ (ବରିଷ୍ଠ ଚିକିତ୍ସକ), ବାଲେଶ୍ୱର



ସ୍ୱାଧୀନତା ଦିବସରେ ସୁଦର୍ଶନପୁର ପଂଚାୟତର ସମସ୍ତ ଗୁରୁଜନ ଏବଂ ଜନ ସାଧାରଣଙ୍କୁ ମୋ ତରଫରୁ ଅନେକ ଅନେକ ଶୁଭେଚ୍ଛା ।

**ସୁରେନ୍ଦ୍ର ସାହୁ**
ସମାଜସେବୀ, ସୁଦର୍ଶନପୁର ଗ୍ରା:ପ ବାସୁଦେବପୁର, ଭଦ୍ରକ






# କଳାହାଣ୍ଡିର ସାରସ୍ୱତ ପୁରୋଧା ରମେଶ ଜେନାଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜଣାଇଲେ ସାହିତ୍ୟିକ ଓ ବୁଦ୍ଧିଜୀବୀ



କଳାହାଣ୍ଡି : କଳାହାଣ୍ଡିର ବିଶିଷ୍ଟ ସାହିତ୍ୟିକ, ସମାଜସେବୀ ତଥା ଚେତାବନୀ ସାହିତ୍ୟ ସଂସଦର ଉପସଭାପତି ସ୍ୱର୍ଗତ ରମେଶ କୁମାର ଜେନାଙ୍କ ସ୍ମୃତିରେ କେସିଙ୍ଗାସ୍ଥିତ ରଷି ସାହା ସଂସ୍କୃତି ଭବନ ଠାରେ ଏକ ଭାବଗମ୍ଭୀର ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି ।ଓଡ଼ିଶାର ଅଗ୍ରଣୀ ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ‘ଚେତାବନୀ ସାହିତ୍ୟ ସଂସଦ, କେସିଙ୍ଗା’ ପକ୍ଷରୁ ଆୟୋଜିତ ଏହି ସଭାରେ ସାହିତ୍ୟିକ, ଶିକ୍ଷକ, ବୁଦ୍ଧିଜୀବୀ ଓ ସଂଗଠନର କର୍ମକର୍ତାମାନେ ଯୋଗଦେଇ ସ୍ୱର୍ଗତ ଜେନାଙ୍କ ପ୍ରତିକୃତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଦୁଇ ମିନିଟ ନିରବ ପ୍ରାର୍ଥନା କରିଥିଲେ ।ସଭାରେ ବକ୍ତାମାନେ ସ୍ୱର୍ଗତ ଜେନାଙ୍କୁ କଳାହାଣ୍ଡିର ସାରସ୍ୱତ ଚେତନାର ଜଣେ ଜାଗ୍ରତ ପୁରୋଧା ଭାବେ ଅଭିହିତ କରି କହିଥିଲେ ଯେ, ସେ କେବଳ ଜଣେ ସାହିତ୍ୟିକ ନୁହେଁ, ବରଂ ନିଜ ଲେଖନୀ ମାଧ୍ୟମରେ କଳାହାଣ୍ଡିର ମାଟି, ମଣିଷ ଓ ସଂସ୍କୃତିକୁ ଓଡ଼ିଆ ସାହିତ୍ୟର ମୁଖ୍ୟଧାରାରେ ସ୍ଥାନିତ କରିଥିଲେ । ଚେତାବନୀ ସାହିତ୍ୟ ସଂସଦରେ ସହ-ସମ୍ପାଦକ, କୋଷାଧ୍ୟକ୍ଷ, ସମ୍ପାଦକ ଓ ଉପସଭାପତି ଭଳି ବିଭିନ୍ନ ଦାୟିତ୍ୱ ନିଷ୍ଠାର ସହ ପାଳନ କରି ସେ ସଂଗଠନକୁ ସମୃଦ୍ଧ କରିଥିଲେ ।ବକ୍ତାମାନେ ଆହୁରି କହିଥିଲେ ଯେ, ସ୍ୱର୍ଗତ ଜେନାଙ୍କ ସରଳତା, ନିଷ୍ଠା, ମାନବିକତା ଓ ସାହିତ୍ୟପ୍ରେମ ତାଙ୍କୁ ସମାଜରେ ଏକ ସ୍ୱତନ୍ତ୍ର ପରିଚୟ ଦେଇଥିଲା । ତାଙ୍କ ଅବର୍ତମାନ କଳାହାଣ୍ଡି ତଥା କେସିଙ୍ଗାର ସାହିତ୍ୟ ଓ ସାଂସ୍କୃତିକ ପରିସର ପାଇଁ ଏକ ଅପୂରଣୀୟ କ୍ଷତି ହୋଇଥିଲେ ମଧ୍ୟ ତାଙ୍କ ସୃଷ୍ଟି ଓ ଆଦର୍ଶ ଆଗାମୀ ପିଢ଼ିକୁ ସଦା ପ୍ରେରଣା ଯୋଗାଇବ ବୋଲି ମତ ପ୍ରକାଶ ପାଇଥିଲା ।ଅନୁଷ୍ଠାନର ସଭାପତି ଯାଜ୍ଞସେନୀ ସାହାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ କାର୍ଯ୍ୟକାରୀ ସଭାପତି ନିରୋଜ ପଟ୍ଟନାୟକ ଉପସ୍ଥିତ ଥିବାବେଳେ ସାଧାରଣ ସମ୍ପାଦକ ରଞ୍ଜନ ପଣ୍ଡା ସଭା ପରିଚାଳନା କରିଥିଲେ । ସାଙ୍ଗଠନିକ ସମ୍ପାଦକ ଯାଦବେନ୍ଦ୍ର ସାହା ଧନ୍ୟବାଦ ଅର୍ପଣ କରିଥିଲେ । ଅନୁଷ୍ଠାନର କେନ୍ଦ୍ରୀୟ ସଭାପତି ଡ଼. ସେନାପତି ପ୍ରଦ୍ୟୁମ୍ନ କେଶରୀ ଫୋନ୍? ମାଧ୍ୟମରେ ଶୋକବ୍ୟକ୍ତ କରିଥିଲେ । ସଭାରେ ହରିଶଙ୍କର ଭୋଇ, ବୈଷ୍ଣବ ଚରଣ ସାହା, ମଞ୍ଜୁମେଧା ଗୁରୁ, ରୁବି ଚୌଧୁରୀ, ଦେବେନ୍ଦ୍ର ଲାଲ, ଡମ୍ବରୁଧର ଭୋଇ, ହିମାଂଚଳ ସାହୁ, ସୁଶାନ୍ତ ମୁଣ୍ଡ, ସଂଯୁକ୍ତା ପାଢ଼ୀ, ଗୋବିନ୍ଦ ବାଗ, କମଳାକାନ୍ତ ସାହା ଓ କର୍ଣ୍ଣ ଗହୀର ପ୍ରମୁଖ ଉପସ୍ଥିତ ଥିଲେ । ସଭା ଶେଷରେ ସ୍ୱର୍ଗତ ରମେଶ ଜେନାଙ୍କ ଆତ୍ମାର ସଦଗତି କାମନା କରାଯିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରାଯାଇଥିଲା ।

# ମେଡ଼ିକାଲ୍ କର୍ତୃପକ୍ଷ ଓ ଘରୋଇ କେନ୍ଦ୍ର ମଧ୍ୟରେ ମଧୁଚନ୍ଦ୍ରିକାର ତଦନ୍ତ ଦାବି

ବ୍ରହ୍ମପୁର(ନି.ପ୍ର.): ଦକ୍ଷିଣ ଓଡ଼ିଶାର ସର୍ବବୃହତ ସ୍ୱାସ୍ଥ୍ୟ କେନ୍ଦ୍ର ଏମକେସିଜି ମେଡ଼ିକାଲ୍ କଲେଜ ଓ ହସପିଟାଲରେ ବ୍ୟାପିଥିବା ଅନିୟମିତତା, ହରିଲୁଟ୍ ଓ ମୌଳିକ ସୁବିଧା ଅଭାବକୁ ନେଇ ଆଜି ମାନବ ଅଧିକାର ସୁରକ୍ଷା ମଂଚ ତରଫରୁ ମେଡ଼ିକାଲ୍ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଇ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବୀପତ୍ର ପ୍ରଦାନ କରାଯାଇଛି କ୍ଷ ମଂଚର ଆବାହକ ଅବନୀ ଗୟା ଅଭିଯୋଗ କରିଛନ୍ତି ଯେ, ସରକାରଙ୍କ ‘ନିଦାନ’ ଯୋଜନାଂଚ ନାମରେ ଏମକେସିଜିରେ ଦିନଦ୍ୱିପ୍ରହରେ ହରିଲୁଟ୍ ଚାଲିଛି । ଏମ୍ଆରଆଇ ପରୀକ୍ଷା ପାଇଁ ରୋଗୀଙ୍କୁ ଘରୋଇ ‘ନିଦାନ’ କେନ୍ଦ୍ରକୁ ପଠାଯାଇ ପ୍ରତି ରୋଗୀ ପିଚ୍ଛା ପ୍ରାୟ ୧୦,୦୦୦ ଟଙ୍କା ସରକାରୀ ପାଣ୍ଠିରୁ ଖର୍ଚ୍ଚ ହେଉଛି । ପ୍ରତିଦିନ ଶହ ଶହ ରୋଗୀଙ୍କ ନାମରେ ଲକ୍ଷ ଲକ୍ଷ ଟଙ୍କା ବିଲ୍ ହେଉଥିଲେ ମଧ୍ୟ ହସ୍ପିଟାଲରେ ନୂତନ ଏମଆରଆଇ ମେସିନ୍ ସଂଯୋଗ କରାଯାଉନାହିଁ । ମେଡ଼ିକାଲ୍ କର୍ତୃପକ୍ଷ ଓ ଘରୋଇ ନିଦାନ କେନ୍ଦ୍ର ମଧ୍ୟରେ କଣ ସଲାସୂତରା ରହିଛି, ତାହା ତଦନ୍ତ ଓ ଦୃଢ଼ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ ରହିଛି ବୋଲି ମଂଚ କର୍ମକର୍ତା ମାନେ ଦାବି କରିଛନ୍ତି କ୍ଷ ଏହା ସହ ଟ୍ରମା କେୟାର



ବିଭାଗରେ ଡିଜିଟାଲ ଏକ୍ସ ରେ ମେସିନ୍ ନ ଥିବାରୁ ଜରୁରୀ ରୋଗୀ ହଜାର ହଜାର ଟଙ୍କା ଖର୍ଚ୍ଚ କରି ଘରୋଇ କେନ୍ଦ୍ରକୁ ଦୌଡୁଛନ୍ତି । ଛୁଟି ଦିନରେ ରେଡିଓଲୋଜି ବିଭାଗ ବନ୍ଦ ରହୁଥିବାରୁ ରୋଗୀ ମାନେ ଚରମ ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ଏଣୁ ଚିକିତ୍ସାନୁଷ୍ଠାନରେ ସମସ୍ତ ଛୁଟି ବାତିଲ କରିବା ଓ ଯଥାଶୀଘ୍ର ରୋଗୀଙ୍କ ଆବଶ୍ୟକୀୟ ପରୀକ୍ଷା କରି ରିପୋର୍ଟ ଦେଲେ ତାଙ୍କ ଚିକିତ୍ସା ଆରମ୍ଭ ହୋଇପାରିବ ବୋଲି ମଂଚ କହିଛି କ୍ଷ ପ୍ରତିବର୍ଷ ଜଳାପୋଡ଼ା ଦୁର୍ଘଟଣାରେ ବହୁ ଲୋକଙ୍କ ମୃତ୍ୟୁ ହେଉଥିଲେ ମଧ୍ୟ ଏମକେସିଜି ମେଡିକାଲ୍ ରେ ବର୍ଣ୍ଣ କେୟାର ୟୁନିଟ୍ ନାହିଁ । ପୂର୍ବ ସରକାର କହି କହି ଚାଲିଯାଇଥିଲେ ଓ ବର୍ତମାନର ସରକାର ମଧ୍ୟ କୁମ୍ଭୀର କାନ୍ଦଣା କାନ୍ଦି କାନ୍ଦି ଦୁଇବର୍ଷ କାଟିଦେଇଛନ୍ତି କ୍ଷ ପ୍ରତିବର୍ଷ ଶତାଧିକ ଲୋକ ଜଳାପୋଡ଼ା ଦୁର୍ଘଟଣାର ଶିକାର ହେଉଥିଲେ ବି ରାଜ୍ୟ ସରକାରଙ୍କ ଗାଲୁଆମି ନୀତି ବନ୍ଦ ହେଉନାହିଁ କ୍ଷ ସେହିପରି ହସ୍ପିଟାଲରେ ଡାକ୍ତର ପଦବୀ ବହୁ ସଂଖ୍ୟାରେ ଖାଲି ପଡ଼ିଛି । ଏଭଳି ଡ଼ାକ୍ତର ଅଭାବ ପରିସ୍ଥିତିରେ ପୁଣି ଗତକାଲି ପାଂଚ ଜଣ ଅଭିଜ୍ଞ ବିଶେଷଜ୍ଞଙ୍କୁ ସ୍ଥାନୀୟ ଆବଶ୍ୟକତାକୁ ଅଣଦେଖା କରି ଅନ୍ୟତ୍ର ବଦଳି କରିବା ଘୋର ନିନ୍ଦନୀୟ । ମଂଚର ଚାରି ଗୋଟି ପ୍ରମୁଖ ଦାବୀ ମଧ୍ୟରେ ନିଦାନ ଯୋଜନାରେ ହେଉଥିବା ହରିଲୁଟ୍ ର ଉଚ୍ଚସ୍ତରୀୟ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ,ଏମକେସିଜିରେ ନୂତନ ଏମଆରଆଇ ମେସିନ୍ ଓ ଟ୍ରମା କେର୍ ବିଭାଗରେ ଡିଜିଟାଲ ଏକ୍ସ ରେ ସଂଯୋଗ, ତୁରନ୍ତ ବର୍ଣ୍ଣ କେୟାର ୟୁନିଟ୍ ସ୍ଥାପନ,ଖାଲି ଥିବା ସମସ୍ତ ଡାକ୍ତର ପଦବୀ ପୂରଣ ଆଦି ଦାବି ଉଲ୍ଲେଖିତ ସ୍ମାରକ ପତ୍ର ମେଡ଼ିକାଲ୍ ରେଜିଷ୍ଟ୍ରାର ଶ୍ୱେତ ରଞ୍ଜନ ଦାସଙ୍କୁ ପ୍ରଦାନ କରାଯାଇଛି କ୍ଷ ଦାବି ପୂରଣ ନ ହେଲେ ଆଗାମୀ ଦିନରେ ମଂଚ ତରଫରୁ ଆହୁରି ଉଗ୍ର ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି । ଆଜିର ଏହି ବିକ୍ଷୋଭ ରେ ସଭାପତି ଗଗନ ଚନ୍ଦ୍ର ମଲ୍ଲିକ,ସମ୍ପାଦକ ଆଂ. ସତ୍ୟ ନାରାୟଣ ରାଓ,ସମାଜସେବୀ ସୁରେନ୍ଦ୍ର ନାଥ ପଣ୍ଡା, ଗଗନ ଚାନ୍ଦ ପ୍ରଧାନ, ମନୋଜ କୁମାର ତରାଇ,ମାନବବାଦୀ ହେତୁବାଦୀ ସଙ୍ଗଠନର ସମ୍ପାଦକ କେ. ନନ୍ଦେଶୁ ସେନାପତି, ଶିକ୍ଷକ ସଙ୍ଗଠନର ନେତା ଅଶୋକ କୁମାର ଦଳାଇ,ଶ୍ୟାମ ସୁନ୍ଦର ଖାଡ଼ଙ୍ଗା,ଆପ୍ ର ଆଦିତ୍ୟ ନାରାୟଣ ରଥ, ହରିକ୍ରିଷ୍ଣା ବେହେରା, ମହମ୍ମଦ ସଫିଉଦ୍ଧିନ ମଲ୍ଲିକ, ପୂଜ୍ୟ ପୂଜା ସମିତି ସମ୍ପାଦକ ଏସ. ଶାମ୍ବଶିବକ୍ଷ ରାଓ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

ଡ. ହରେକୃଷ୍ଣ ମହତାବ(ଡିଗ୍ରୀ) ମହାବିଦ୍ୟାଳୟ
କୁପାରୀ, ବାଲେଶ୍ୱର,
ବିଜ୍ଞପ୍ତିନଂ: ୨୦୮୬ ତା.୧୪.୦୮.୨୬ରିଖ
ଡ. ହରେକୃଷ୍ଣ ମହତାବ(ଡିଗ୍ରୀ) ମହାବିଦ୍ୟାଳୟ, କୁପାରି, ବାଲେଶ୍ୱର, ପିନ-୭୫୬୦୫୯ରେ ୨୦୨୬-୨୦୨୭ ଶିକ୍ଷାବର୍ଷ ପାଇଁ ଅତିଥି ଅଧ୍ୟାପକ ନିଯୁକ୍ତି ନିମନ୍ତେ ଆବେଦନ ଆହ୍ୱାନ କରାଯାଉଅଛି । UGC Regulation 1998 ଅନୁସାରେ ଯୋଗ୍ୟ ପ୍ରାର୍ଥୀମାନେ (ଅବସରପ୍ରାପ୍ତ ଅଧ୍ୟାପକ) ନିମ୍ନଲିଖିତ ବିଷୟରେ HIMS ପୋର୍ଟାଲ (https://hims.odisha.giv.in) ମାଧ୍ୟମରେ ଆବେଦନ କରିବାକୁ ହେବ । ଆବେଦନର ସମୟ ସୀମା ୧୫-୦୮-୨୦୨୬ରୁ ୨୧-୦୮-୨୦୨୬ ରିଖ ପର୍ଯ୍ୟନ୍ତ । ସମ୍ପୂର୍ଣ୍ଣ ବିବରଣୀ https://www.drhkmcollege.in ରେ ଉପଲବ୍ଧ ଅଛି । Education-03, History-01, Pol.Sc-01, Economic-02, English-01, Odia-01, Logic & Philosophy-02,
ସ୍ୱା/-ଅଧ୍ୟକ୍ଷ
ଡ. ହରେକୃଷ୍ଣ ମହତାବ(ଡିଗ୍ରୀ) ମହାବିଦ୍ୟାଳୟ
କୁପାରୀ, ବାଲେଶ୍ୱର

# କାନାରା ବିଦ୍ୟା ଜ୍ୟୋତି” ଛାତ୍ରବୃତି ପ୍ରଦାନ ସମାରୋହ

ବ୍ରହ୍ମପୁର (ନି.ପ୍ର.): ବ୍ରହ୍ମପୁର ସ୍ଥିତ କାନାରା ବ୍ୟାଙ୍କର ଆଂଚଳିକ କାର୍ଯ୍ୟାଳୟରେ ଆୟୋଜିତ “କାନାରା ବିଦ୍ୟା ଜ୍ୟୋତି” ଛାତ୍ରବୃତି ପ୍ରଦାନ କାର୍ଯ୍ୟକ୍ରମରେ ମାନ୍ୟବର ବ୍ରହ୍ମପୁର ବିଧାୟକ ଶ୍ରୀ କେ. ଅନୀଲ କୁମାର ଯୋଗଦେଇ ମେଧାବୀ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ ।ଏହି ଅବସରରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବର୍ଗର ମେଧାବୀ ଛାତ୍ରଛାତ୍ରୀଙ୍କୁ ଛାତ୍ରବୃତି ପ୍ରଦାନ କରାଯାଇଥିଲା ।

# ଝାରସୁଗୁଡ଼ା ଇଞ୍ଜିନିୟରିଂ ସ୍କୁଲରେ ‘ବିଭାଜନ ବିଭୀଷିକା ସ୍ମୃତି ଦିବସ’ ପାଳିତ

ଝାରସୁଗୁଡ଼ା(ନି.ପ୍ର.) ଝାରସୁଗୁଡ଼ା ଇଞ୍ଜିନିୟରିଂ ସ୍କୁଲ ପରିସରରେ ଅଗଷ୍ଟ ୧୪ ତାରିଖରେ ‘ବିଭାଜନ ବିଭୀଷିକା ସ୍ମୃତି ଦିବସ’ ପାଳିତ ହୋଇଯାଇଛି । ୧୯୪୭ ମସିହା ଦେଶ ବିଭାଜନ ସମୟରେ ଲୋକମାନେ ସହିଥିବା ଅକଥନୀୟ କଷ୍ଟ, ଯନ୍ତ୍ରଣା ତଥା ତ୍ୟାଗକୁ ସ୍ମରଣ କରିବା ଏବଂ ବର୍ତମାନର ସ୍ୱାଧୀନତା ଓ ଏକତାକୁ ବଜାୟ ରଖିବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ତଥା ଭାରପ୍ରାପ୍ତ ସଂସ୍କୃତି ଅଧିକାରୀ ରୀତାକାନ୍ତି ବଳିୟାରସିଂହ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା ଏବଂ ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ସଙ୍ଗୀତା ମେହେର, ଅନୁଷ୍ଠାନର ଅଧ୍ୟକ୍ଷ କାମ୍ବୁପାଣି ମେହେର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।ଏଥିସହ ଅନୁଷ୍ଠାନର ଏକାଡେମିକ୍ କୋର୍ଡିନେଟରଙ୍କ ସମେତ ସମସ୍ତ ଶିକ୍ଷକ, କର୍ମଚାରୀ ଓ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ଏହି ଅବସରରେ ଦେଶ ବିଭାଜନ ସମୟର ଐତିହାସିକ ଘଟଣାବଳୀ ଓ ବିସ୍ଥାପନର ଦୁଃଖଦ ଯାତ୍ରା ଉପରେ ଆଧାରିତ ଏକ ସ୍ୱତନ୍ତ୍ର ଭିଡିଓ ଛାତ୍ରଛାତ୍ରୀମାନଙ୍କୁ ପ୍ରଦର୍ଶନ କରାଯାଇଥିଲା । ବିଭାଜନ ସମୟରେ ପ୍ରାଣ ହରାଇଥିବା ଏବଂ ପ୍ରଭାବିତ ହୋଇଥିବା ଅଗଣିତ ନିରୀହ ଲୋକଙ୍କ ସ୍ମୃତିଚାରଣ ପୂର୍ବକ ସମସ୍ତ ଉପସ୍ଥିତ ଅତିଥି, ଅଧ୍ୟାପକ ଓ ଛାତ୍ରଛାତ୍ରୀ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଦେଶର ଅଖଣ୍ଡତା, ଶାନ୍ତି ଓ ସୌହାର୍ଦ୍ଦ୍ୟ ବଜାୟ ରଖିବା ସହିତ ଏକ ଦକ୍ଷ ଓ ସ୍ୱାବଲମ୍ବୀ ଭାରତ ଗଠନ ପାଇଁ ସମସ୍ତେ ସଂକଳ୍ପ ନେଇଥିଲେ ।

# ସୋରରେ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ


ସୋର,(ନି.ପ୍ର.)-ଆଜି ସକାଳ ୧୧ ଘଟିକା ସମୟରେ ସୋର ରାଧାନାଥ ବିଦ୍ୟାପୀଠ ଓ ରାଧାନାଥ ମଧ୍ୟ ପ୍ରାଥମିକ ବିଦ୍ୟାଳୟ ର ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଛାତ୍ର ଛାତ୍ରୀ ଙ୍କ ଦ୍ୱାରା ରାଧାନାଥ ପଡିଆରୁ ବ୍ଲକ ଛକ ପର୍ଯ୍ୟନ୍ତ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନ୍ତର୍ଗତ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ପଦଯାତ୍ରାରେ ସୋର ଭାରା ପ୍ରାପ୍ତ ତହସିଲଦାର କୃଷ୍ଣ ମୋହନ ସିଂହ,ପୈର ପାଳିକା କାର୍ଯ୍ୟ ନିର୍ବାହ ଅଧିକାରୀ ବିଶ୍ୱ ରଞ୍ଜନ ପ୍ରଧାନ ରାଧାନାଥ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟିତ୍ରୀ ଅଞ୍ଜଳି ମହାପାତ୍ର ଛାତ୍ର ଛାତ୍ରୀ ଙ୍କୁ ଭାରତ ବର୍ଷର ସ୍ୱାଧୀନତା ଇତିହାସ ସହ ତ୍ରିରଙ୍ଗା ପତାକା ବିଷୟରେ ବୁଝାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ତାରାକାନ୍ତ କର , ରଶ୍ମିତା ଶିଅଳ, ଲାବଣ୍ୟବତୀ କାହାଳି, ଆରାଧନା ରାଉଳ , ଅପର୍ଣ୍ଣା ଯେନା, ଗାୟତ୍ରୀ ସାହୁ, ଜିତେନ୍ଦ୍ର ନାୟକ, ଶଶ୍ମିତା ଯେନା, ପ୍ରିୟଙ୍କା ପାତ୍ର, ସନ୍ତୋଷି ରଶ୍ମି ନାୟକ, ଅଲିଭା ରାଉଳ ,ତେଜସ୍ୱିନି ବେହେରା, ରେଣୁବାଳା ଦାସ, ମନୋରଞ୍ଜନ ଶିଅଳ, ଅବଦୁଲ ଫାରକ୍, ଗୁଲତରି ନିଆଜ ଙ୍କ ସମେତ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଓ ୨୦୦ ରୁ ଉର୍ଦ୍ଧ୍ୱ ଉଭୟ ବିଦ୍ୟାଳୟ ର ଛାତ୍ର ଛାତ୍ରୀ ଶୋଭାଯାତ୍ରାରେ ସାମିଲ ହୋଇଥିଲେ ।

# ବ୍ରଜରାଜନଗର ପୌରାଂଚଳରେ ‘ତ୍ରିରଙ୍ଗା ଶୋଭାଯାତ୍ରା’

ଝାରସୁଗୁଡ଼ା (ନି.ପ୍ର.)ରାଜ୍ୟବ୍ୟାପୀ ଅଗଷ୍ଟ ୯ ରୁ ୧୭ ତାରିଖ ପର୍ଯ୍ୟନ୍ତ ‘ଘରେ ଘରେ ତ୍ରିରଙ୍ଗା’ ଅଭିଯାନ ଅତ୍ୟନ୍ତ ଆନନ୍ଦ, ଉତ୍ସାହ ଓ ଉଲ୍ଲାସର ସହ ପାଳନ କରାଯାଉଛି । ଏହି ପରିପ୍ରେକ୍ଷୀରେ ବ୍ରଜରାଜନଗର ପୌରପାଳିକା ପକ୍ଷରୁ ଏକ ବିଶାଳ ‘ତ୍ରିରଙ୍ଗା ଶୋଭାଯାତ୍ରା’ ମହାସମାରୋହରେ ଆୟୋଜିତ ହୋଇଯାଇଛି । ଓଡ଼ିଶା ସରକାରଙ୍କ ମାନ୍ୟବର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀଯୁକ୍ତ ସୁରେଶ ପୂଜାରୀଙ୍କ ଗରିମାମୟ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମଟି ଅନୁଷ୍ଠିତ ହୋଇଯାଇଛି । ଏହି ଭବ୍ୟ ଶୋଭାଯାତ୍ରାରେ ମାନ୍ୟବର ମନ୍ତ୍ରୀଙ୍କ ସମେତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଶ୍ରୀ ଜି. ଆଂ. ରାଘବେନ୍ଦ୍ର, ବ୍ରଜରାଜନଗର ପୌରପାଳିକା ଅଧ୍ୟକ୍ଷ ଗୋପାଳ ସୀତାନୀ, ପୌର ପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଚନ୍ଦ୍ରମଣି ସ୍ୱାଇଁ , ସ୍ଥାନୀୟ ଏସଡିପିଓ ଏବଂ ସମସ୍ତ କାଉନସିଲର ପ୍ରମୁଖ ଉପସ୍ଥିତ ରହିଥିଲେ । ଏହି ଶୋଭାଯାତ୍ରାର ମୁଖ୍ୟ ଆକର୍ଷଣ ସାଜିଥିଲା ‘ସୁଭଦ୍ରା ଶକ୍ତି’ର ସଦସ୍ୟାମାନଙ୍କ ଦ୍ୱାରା ପରିଚାଳିତ ଏକ ବିଶାଳ ୧୦୦ ଫୁଟ ଲମ୍ବର ତ୍ରିରଙ୍ଗା ପତାକା ପ୍ରଦର୍ଶନ । ଏହାସହ ବିଭିନ୍ନ ହାଇସ୍କୁଲର ଶତାଧିକ ଛାତ୍ରଛାତ୍ରୀ, ଯୁବବର୍ଗ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତା ହାତରେ ଜାତୀୟ ପତାକା ଧରି ଶୋଭାଯାତ୍ରାରେ ସାମିଲ ହୋଇଥିଲେ ।

# ଏମପିସି କଲେଜରେ ହରଘର ତ୍ରିରଙ୍ଗା ପଦଯାତ୍ରା

ବାରିପଦା (ନି.ପ୍ର.) ସ୍ଥାନୀୟ ତଖତପୁର ସ୍ଥିତ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟରେ ହରଘର ତ୍ରିରଙ୍ଗା ପଦଯାତ୍ରା ଅଧ୍ୟକ୍ଷ ପ୍ରଫେସର ନାରାୟଣ ପ୍ରସାଦ ବେହେରାଙ୍କ ପୌରହିତ୍ୟରେ ଏବଂ ଡ. ଅନାମ ଚରଣ ରାଉଳଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି. ଏହି କାର୍ଯ୍ୟକ୍ରମରେ ଡ. ଆଲବେର୍ଟିନା ତିର୍କୀ, ଡ. ବିଦ୍ୟୁତପ୍ରଭା ଦାସ, ସୁଶ୍ରୀ ରାଇମଣି ମାରଣ୍ଡି, ଡ. ଦୀପକ କୁମାର ବେହେରା, ଡ. ମନୋଜ କୁମାର ସେଠି, ଡ. ଆଶୁତୋଷ ପ୍ରୟାସ ଦାଶ, ଡ. ପ୍ରିୟବ୍ରତ ବେହେରା, ଡ. ନରେନ୍ଦ୍ର ପ୍ରସାଦ ବେହେରା, ଡ. ପ୍ରଭାକର ଦୁଆରୀ, ଡ. ଦୟାନିଧି ପରିଡା, ଅଲେକ୍ସ ହେମ୍ବ୍ରମ, ରଶ୍ମିତା ନାଏକ, ସୁରେଶ ଚନ୍ଦ୍ର ପାତ୍ର, ସତ୍ୟନାରାୟନ ବାରିକ ଏବଂ ଅନ୍ୟ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଉପସ୍ଥିତ ରହି ପଦଯାତ୍ରାକୁ ସଫଳ କରିଥିଲେ ।



# ଝାରସୁଗୁଡ଼ାରେ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳଗୁଡ଼ିକର ପ୍ରତିନିଧିଙ୍କ ସହ ସମନ୍ୱୟ ବୈଠକ



ଝାରସୁଗୁଡ଼ା,(ନି.ପ୍ର.) ଜିଲ୍ଲାରେ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳଗୁଡ଼ିକର ପ୍ରତିନିଧିମାନଙ୍କୁ ନେଇ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ୦୬-ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜିକରଣ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଲଳିତ ସୋରେଙ୍ଗ ଏବଂ ୦୭-ଝାରସୁଗୁଡ଼ା ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜିକରଣ ଅଧିକାରୀ ତଥା ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା ଯୁଗ୍ମ ଭାବେ ଅଧ୍ୟକ୍ଷତା କରିଥିଲେ । ଏଥିସହ ଡେପୁଟି କଲେକ୍ଟର (ନିର୍ବାଚନ) ଶ୍ରୀମତୀ ଲୋପାମୁଦ୍ରା କାଲୋ ଏବଂ ସହକାରୀ କଲେକ୍ଟର (ନିର୍ବାଚନ) ଦୁଷ୍ମନ୍ତ ମହାନ୍ତି ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଏହି ବୈଠକରେ ବିଭିନ୍ନ ରାଜନୈତିକ ଦଳର କର୍ମକର୍ତାମାନେ ଉପସ୍ଥିତ ଥିଲେ । ସେମାନଙ୍କ ମଧ୍ୟରେ ବିଜେପିର ଯୁଗ୍ମ ସମ୍ପାଦକ ନୱଲ କୁମାର ଅଗ୍ରୱାଲ, ବିଜେଡି ସାଧାରଣ ସମ୍ପାଦକ ରଘୁନନ୍ଦନ ପାଢ଼ୀ, ସିପିଆଇ(ଏମ୍) ସଭାପତି ଗୌରୀ ଶଙ୍କର ପାତ୍ର, ସିପିଆଇ(ଏମ୍) ଯୁଗ୍ମ ସମ୍ପାଦକ ବାସୁଦେବ ଧୁରୁଆ ଏବଂ ବିଏସପି ସଭାପତି ଲକ୍ଷ୍ମଣ ଉର୍ମା ପ୍ରମୁଖ ସାମିଲ ଥିଲେ । ଆଗାମୀ ନିର୍ବାଚନ ପ୍ରକ୍ରିୟାକୁ ତ୍ରୁଟିମୁକ୍ତ ଓ ସ୍ୱଚ୍ଛ କରିବା ପାଇଁ ରାଜନୈତିକ ଦଳଗୁଡ଼ିକର ଭୂମିକା ଉପରେ ଏହି ଅବସରରେ ଆଲୋଚନା କରାଯାଇଥିଲା । ବୈଠକ ଚାଲିଥିବା ସମୟରେ ଫର୍ମ ୯, ୧୦, ୧୧, ୧୧(ଏ) ଏବଂ ୧୧(ବି) ରେ ଗ୍ରହଣ କରାଯାଇଥିବା ସମସ୍ତ ଦାବି ଓ ଆପତିର ବିସ୍ତୃତ ତାଲିକା ପରବର୍ତୀ ଯାଂଚ ତଥା ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଉପସ୍ଥିତ ଦଳୀୟ ପ୍ରତିନିଧିମାନଙ୍କୁ ହସ୍ତାନ୍ତର କରାଯାଇଥିଲା । ଏଥିସହିତ ରାଜନୈତିକ ପ୍ରତିନିଧିମାନଙ୍କ ଦ୍ୱାରା ଉଠାଯାଇଥିବା ବିଭିନ୍ନ ପ୍ରଶ୍ନ ଓ ସନ୍ଦେହର ଉତର ନିର୍ବାଚନ ପଞ୍ଜିକରଣ ଅଧିକାରୀମାନେ ପ୍ରଦାନ କରିଥିଲେ । ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାକୁ ଶାନ୍ତିପୂର୍ଣ୍ଣ ଓ ସୁରୁଖୁରୁରେ ସମ୍ପନ୍ନ କରିବା ପାଇଁ ପ୍ରଶାସନ ତରଫରୁ ସମସ୍ତ ରାଜନୈତିକ ଦଳଙ୍କ ସହଯୋଗ କାମନା କରାଯାଇଅଛି ।

# ହର ଘର ତ୍ରିରଙ୍ଗା: ଦେଶପ୍ରେମର ଭାବନାରେ ଏକାଠି ହେଲେ ଖୋର୍ଦ୍ଧାର ଆଇନଜୀବୀ

ଖୋର୍ଦ୍ଧା,: ସ୍ୱାଧୀନତା ଦିବସ ପୂର୍ବରୁ ଦେଶବ୍ୟାପୀ ଜାତୀୟତାବୋଧ ଓ ଦେଶପ୍ରେମର ପରିବେଶ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଚାଲିଥିବା ‘ହର ଘର ତ୍ରିରଙ୍ଗା’ ଅଭିଯାନରେ ଖୋର୍ଦ୍ଧା ଜିଲ୍ଲା ଓକିଲ ସଂଘ ସାମିଲ ହୋଇଛି । ଜାତୀୟ ପତାକା କେବଳ ଏକ ପ୍ରତୀକ ନୁହେଁ; ଏହା ଦେଶର ସ୍ୱାଧୀନତା, ଏକତା, ଅଖଣ୍ଡତା ଓ ଗୌରବର ପ୍ରତୀକ । ଏହି ବାର୍ତାକୁ ସାଧାରଣ ଲୋକଙ୍କ ନିକଟରେ ପହଂଚାଇବା ସହ ଦେଶପ୍ରେମର ଭାବନାକୁ ଅଧିକ ଦୃଢ଼ କରିବା ଲକ୍ଷ୍ୟରେ ଶୁକ୍ରବାର ଖୋର୍ଦ୍ଧାରେ ଶତାଧିକ ଆଇନଜୀବୀ ତ୍ରିରଙ୍ଗା ଧରି ଶୋଭାଯାତ୍ରା କରିଥିଲେ । ଖୋର୍ଦ୍ଧା ଜିଲ୍ଲା ଓକିଲ ସଂଘ ସଭାପତି ଲୋତକ ବିନ୍ଦୁ ପଟ୍ଟନାୟକଙ୍କ ନେତୃତ୍ୱରେ ଆୟୋଜିତ ଏହି ଶୋଭାଯାତ୍ରା କୋର୍ଟ ଛକରୁ ବାହାରି ବ୍ୟାଙ୍କ ଛକ ପର୍ଯ୍ୟନ୍ତ ଯାଇଥିଲା । ହାତରେ ଜାତୀୟ ପତାକା ଧରି ଶତାଧିକ ଆଇନଜୀବୀ ଶୋଭାଯାତ୍ରାରେ ସାମିଲ ହୋଇ ‘ଭାରତ ମାତା କି ଜୟ’ ଓ ‘ବନ୍ଦେ ମାତରମ୍’ ଭଳି ଦେଶପ୍ରେମମୟ ସ୍ଲୋଗାନ ଦେଇଥିଲେ । ଏହାଫଳରେ କୋର୍ଟ ପରିସରରୁ ସହରର ମୁଖ୍ୟ ରାସ୍ତା ପର୍ଯ୍ୟନ୍ତ କିଛି ସମୟ ପାଇଁ ଦେଶପ୍ରେମର ଭାବନାରେ ମୁଖରିତ ହୋଇଉଠିଥିଲା ।‘ହର ଘର ତ୍ରିରଙ୍ଗା’ ଅଭିଯାନର ମୂଳ ଲକ୍ଷ୍ୟ ହେଉଛି ସ୍ୱାଧୀନତା ଦିବସ ପାଳନକୁ କେବଳ ସରକାରୀ କାର୍ଯ୍ୟକ୍ରମ ମଧ୍ୟରେ ସୀମିତ ନରଖି ପ୍ରତ୍ୟେକ ପରିବାର ଓ ପ୍ରତ୍ୟେକ ନାଗରିକଙ୍କୁ ଏହାର ଅଂଶୀଦାର କରିବା । ଘରେ ଘରେ ତ୍ରିରଙ୍ଗା ଉତୋଳନ ଓ ଜାତୀୟ ପତାକା ପ୍ରତି ସମ୍ମାନ ପ୍ରଦର୍ଶନ ମାଧ୍ୟମରେ ସ୍ୱାଧୀନତା ସଂଗ୍ରାମର ଇତିହାସ, ସ୍ୱାଧୀନତା ସଂଗ୍ରାମୀଙ୍କ ତ୍ୟାଗ ଓ ଜାତୀୟ ଏକତାର ମହତ୍ୱକୁ ସ୍ମରଣ କରାଇବା ଏହି ଅଭିଯାନର ପ୍ରମୁଖ ଉଦ୍ଦେଶ୍ୟ । ଏହି ଜନସହଭାଗିତାର ବାର୍ତାକୁ ଆଗକୁ ନେବା ପାଇଁ ଖୋର୍ଦ୍ଧା ଜିଲ୍ଲା ଓକିଲ ସଂଘ ପକ୍ଷରୁ ଏହି ଶୋଭାଯାତ୍ରା ଆୟୋଜନ କରାଯାଇଥିଲା । ଶୋଭାଯାତ୍ରାରେ ଯୋଗଦେଇଥିବା ଆଇନଜୀବୀମାନେ କହିଥିଲେ ଯେ ଦେଶର ସ୍ୱାଧୀନତା ପାଇଁ ଅସଂଖ୍ୟ ସ୍ୱାଧୀନତା ସଂଗ୍ରାମୀ ନିଜ ଜୀବନକୁ ବଳିଦାନ ଦେଇଛନ୍ତି । ସେମାନଙ୍କ ତ୍ୟାଗ ଓ ସଂଘର୍ଷର ସ୍ମୃତିକୁ ନୂଆ ପିଢ଼ି ମଧ୍ୟରେ ଜୀବନ୍ତ ରଖିବା ସହ ଦେଶର ଏକତା, ଅଖଣ୍ଡତା ଓ ସାର୍ବଭୌମତ୍ୱ ପ୍ରତି ନାଗରିକଙ୍କ ଦାୟିତ୍ୱବୋଧ ବୃଦ୍ଧି କରିବା ଆବଶ୍ୟକ । ତ୍ରିରଙ୍ଗାକୁ କେବଳ ଏକ ପତାକା ଭାବେ ନଦେଖି ଏହାକୁ ଦେଶର ଗୌରବ, ତ୍ୟାଗ ଓ ଏକତାର ପ୍ରତୀକ ଭାବେ ଗ୍ରହଣ କରିବା ଦରକାର ବୋଲି ସେମାନେ ମତପ୍ରକାଶ କରିଥିଲେ । ଏହି ଅଭିଯାନର ଅନ୍ୟତମ ଉଦ୍ଦେଶ୍ୟ ହେଉଛି ସାଧାରଣ ନାଗରିକଙ୍କ ମଧ୍ୟରେ ଜାତୀୟ ପତାକା ପ୍ରତି ସମ୍ମାନ ସହ ନାଗରିକ ଦାୟିତ୍ୱବୋଧ ସୃଷ୍ଟି କରିବା । ସ୍ୱାଧୀନତାର ମୂଲ୍ୟ, ସମ୍ବିଧାନ ର ମର୍ଯ୍ୟାଦା, ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ନାଗରିକ କର୍ତବ୍ୟ ସମ୍ପର୍କରେ ଜନସଚେତନତା ବୃଦ୍ଧି କରିବାରେ ଏଭଳି ଜନସହଭାଗିତାମୂଳକ କାର୍ଯ୍ୟକ୍ରମର ଗୁରୁତ୍ୱ ରହିଛି । ତ୍ରିରଙ୍ଗାକୁ ନିଜ ଘର ସହିତ ଯୋଡ଼ିବା ସହ ହୃଦୟରେ ଦେଶପ୍ରେମର ଭାବନାକୁ ଦୃଢ଼ କରିବାକୁ ଆଇନଜୀବୀମାନେ ନାଗରିକଙ୍କୁ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ଓକିଲ ସଂଘ ଉପସଭାପତି ହର ପ୍ରସନ୍ନ ମହାପାତ୍ର, ସମ୍ପାଦକ ଲିଙ୍ଗରାଜ ସାହୁ, କୋଷାଧ୍ୟକ୍ଷ ବସନ୍ତ କୁମାର ଭଞ୍ଜ, ଜିଲ୍ଲା ଓକିଲ ସଂଘର ପୂର୍ବତନ ସଭାପତି ସର୍ବେଶ୍ୱର ସାହୁ, ଶିଶିର କୁମାର ପରିଡ଼ା, ଅଜିତ ପଟ୍ଟନାୟକଙ୍କ ସମେତ ବହୁ ବରିଷ୍ଠ ଆଇନଜୀବୀ ଉପସ୍ଥିତ ଥିଲେ ।ସେହିପରି ଖୋର୍ଦ୍ଧା ଅଧିବକ୍ତା ପରିଷଦର ସଭାପତି ପବିତ୍ର ମୋହନ ରାଜଗୁରୁ, ସମ୍ପାଦକ ମନୋଜ ପଟ୍ଟନାୟକ, ରାଧାକାନ୍ତ ରାୟ ସାମନ୍ତ, ତାପସ ଦଳବେହେରା, ସୁନିଲ ପଟ୍ଟନାୟକ, ନିହାର ରଞ୍ଜନ ମହାନ୍ତି, ଆରତି ପଟ୍ଟନାୟକ, ମୋନାଲିସା ମିଶ୍ର, ପ୍ରଭାତ ମହାପାତ୍ର, ମାନସ ରଞ୍ଜନ ପାଟ୍ଟଶାଣୀ, ଅଜିତ ମିଶ୍ର, ପ୍ରଦୀପ ଦାସ ପ୍ରମୁଖ ଶୋଭାଯାତ୍ରାରେ ଯୋଗଦେଇଥିଲେ । ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ଆଇନଜୀବୀ ଏହି ତ୍ରିରଙ୍ଗା ଶୋଭାଯାତ୍ରାରେ ସାମିଲ ହୋଇ ଜାତୀୟ ପତାକା ପ୍ରତି ନିଜର ସମ୍ମାନ ଓ ଦେଶପ୍ରେମ ପ୍ରକାଶ କରିଥିଲେ । ଆଇନଜୀବୀମାନଙ୍କ ଏହି ସାମୂହିକ ପଦକ୍ଷେପ ସହରବାସୀଙ୍କ ମଧ୍ୟରେ ମଧ୍ୟ ଦେଶପ୍ରେମର ଭାବନା ସୃଷ୍ଟି କରିଥିଲା ।ସ୍ୱାଧୀନତା ଦିବସକୁ କେବଳ ଏକ ଉତ୍ସବ ଭାବେ ପାଳନ ନକରି ଏହା ପଛରେ ରହିଥିବା ସଂଘର୍ଷ, ତ୍ୟାଗ ଓ ବଳିଦାନକୁ ସ୍ମରଣ କରିବା ସହ ଜାତୀୟ ଏକତା ଓ ନାଗରିକ କର୍ତବ୍ୟ ପ୍ରତି ସଚେତନ ହେବାକୁ ଏହି ଶୋଭାଯାତ୍ରା ଏକ ସନ୍ଦେଶ ଦେଇଥିଲା । ଖୋର୍ଦ୍ଧା ଜିଲ୍ଲା ଓକିଲ ସଂଘର ଏହି ତ୍ରିରଙ୍ଗା ଶୋଭାଯାତ୍ରା ମାଧ୍ୟମରେ ‘ହର ଘର ତ୍ରିରଙ୍ଗା’ର ମୂଳ ବାର୍ତା—ପ୍ରତ୍ୟେକ ଘରେ ତ୍ରିରଙ୍ଗା, ପ୍ରତ୍ୟେକ ହୃଦୟରେ ଦେଶପ୍ରେମ ଏବଂ ପ୍ରତ୍ୟେକ ନାଗରିକଙ୍କ ମନରେ ଜାତୀୟ ଏକତା—କୁ ଆହୁରି ସୁଦୃଢ଼ କରିବାର ପ୍ରୟାସ କରାଯାଇଥିଲା ।

GOVERNMENT OF ODISHA
OFFICE OF THE SUPERINTENDING ENGINEER
MINOR IRRIGATION DIVISION, MAYURBHANJ
Tel No. (06792)260788, e-Mail ID mi.mayurbhanj@yahoo.co.in
"e" Procurement Notice
No 3215 Dated 13.08.2026
Identification No-S.E.M.I.D. MBJ.No.-07/MID, MBJ/2026-27

32001/691/2627

The Superintending Engineer, M.I. Division, Mayurbhanj on behalf of Governor of Odisha invites percentage rate bids through e-procurement to be received in online mode only for the works as detailed in the table below.

| | | |
|---|---|---|
| 1 | Name of works | Civil Construction works as mentioned in the web site |
| 2 | Total No. of works | 8 Nos. |
| 3 | Tender amount | 8.20 Lakh to 85.27 Lakh Approx. (Detail list of works Annexed) |
| 4 | Class of Contractor | As Mentioned against Work. |
| 5 | Period of Completion | As Mentioned against Work. |
| 6 | Date & time of Availability of Bid Document in the Portal | 19.08.2026 at 10.00 AM to 31.08.2026 up to 5.00 P.M. |
| 7 | Last date/ Time for receipt of Bids in the Portal | 31.08.2026 up to 5.00 P.M. |
| 8 | Date /Time of Opening of Technical Bid | 01.09.2026 at 11.00 A.M. |
| 9 | Name and Address of the Officer Inviting the Bid | Superintending Engineer, M.I. Division, Mayurbhanj At/Po-Baripada Dist-Mayurbhanj PIN-757001 E-Mail- mi.divisionbaripada@gmail.com |
| 10 | Mode of Payment of Bid Cost | Online |
| 11 | Further details can be seen from the "e" Procurement Portal "https://tendersorissa.gov.in" | |

OIPR.32001/32041/1/26-27/0003

Sd/-
Superintending Engineer,
Minor Irrigation Division, Mayurbhanj




# ଆସନ୍ତା ସୋମବାର ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ



ଭୁବନେଶ୍ୱର : ଆସନ୍ତା ସୋମବାର ଅଗଷ୍ଟ ୧୭ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ । ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଆସନ୍ତା ସୋମବାର ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ । ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଏ ନେଇ ସୂଚନା ଦିଆଯାଇଛି । ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ତଥା ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

# ଅବପାତରେ ପରିଣତ ହେଲା ଲଘୁଚାପ ଆହୁରି ୪ଦିନ ଭୀଷଣ ବର୍ଷା, ୧୩ ଜିଲାକୁ ୱାର୍ଣ୍ଣିଂ



ଭୁବନେଶ୍ୱର : ବଙ୍ଗୋପସାଗରରେ ସକ୍ରିୟ ଥିବା ଲଘୁଚାପ କ୍ଷେତ୍ର ଅଧିକ ଘନୀଭୂତ ହୋଇ ଗୁରୁବାର ସକାଳ ୮ଟା ୩୦ରେ ପଶ୍ଚିମବଙ୍ଗ ଉପକୂଳରେ ଅବପାତରେ ପରିଣତ ହୋଇଛି । ଏହା ପଶ୍ଚିମ-ଉତରପଶ୍ଚିମ ଦିଗକୁ ଗତି କରୁଥିବାବେଳେ ସନ୍ଧ୍ୟା ସୁଦ୍ଧା ବାରିପଦାଠାରୁ ୧୮୦କି.ମି. ଦୂରରେ କେନ୍ଦ୍ରୀଭୂତ ରହିଛି । ଆସନ୍ତା ୨୪ ଘଂଟା ମଧ୍ୟରେ ଅବପାତଟି ଗାଙ୍ଗେୟ ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡ ଦେଇ ଆଗକୁ ବଢ଼ିବା ସମ୍ଭାବନା ରହିଥିବା ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ଅପରପକ୍ଷେ ମୌସୁମୀ ଟ୍ରଫ୍‌ବର୍ତ୍ତମାନ ଫିରୋଜପୁର, ବରେଲୀ, ସୁଲତାନପୁର, ଡାଲଟନଗଞ୍ଜ ଦେଇ ପଶ୍ଚିମବଙ୍ଗ ଉପକୂଳରେ ଥିବା ଅବପାତର କେନ୍ଦ୍ରସ୍ଥଳ ଏବଂ ସେଠାରୁ ଦକ୍ଷିଣ-ପୂର୍ବ ଦିଗକୁ ଉତର-ପଶ୍ଚିମ ବଙ୍ଗୋପସାଗର ପର୍ଯ୍ୟନ୍ତ ବିସ୍ତାରିତ ହୋଇଛି ।






# ସ୍ୱାଧୀନତା ଦିବସ ଅବସରରେ ୧୦୫୭ ଜଣ ପୁଲିସ୍ ଓ ସେବା କର୍ମଚାରୀଙ୍କୁ ବୀରତ୍ୱ ପଦକ



ଭୁବନେଶ୍ୱର: ସ୍ୱାଧୀନତା ଦିବସ ୨୦୨୬ ଅବସରରେ ପୁଲିସ୍, ଅଗ୍ନିଶମ, ଗୃହରକ୍ଷୀ ଓ ବେସାମରିକ ପ୍ରତିରକ୍ଷା ଏବଂ ଜେଲ ଓ ସୁଧାର ସେବାର ମୋଟ ୧୦୫୭ ଜଣ କର୍ମଚାରୀଙ୍କୁ ବୀରତ୍ୱ ଏବଂ ସେବା ପଦକ ପ୍ରଦାନ କରାଯାଇଛି । ଏମାନଙ୍କ ମଧ୍ୟରୁ ଓଡ଼ିଶାର ମୋଟ ୨୩ ଜଣ ଅନ୍ତର୍ଭୁକ୍ତ ଅଛନ୍ତି । ଓଡ଼ିଶା ପୁଲିସରୁ ୫ ଜଣ ବୀରତ୍ୱ ପଦକ,୨ ଜଣ ବିଶିଷ୍ଟ ସେବା ପାଇଁ ରାଷ୍ଟ୍ରପତି ପଦକ ଓ ୧୦ ଜଣ ପ୍ରଶଂସନୀୟ ସେବା ପଦକ ପାଇଛନ୍ତି । ରାଜ୍ୟର ଅଗ୍ନିଶମ ବାହିନୀରୁ ଜଣେ ବିଶିଷ୍ଟ ସେବା ପାଇଁ ରାଷ୍ଟ୍ରପତି ପଦକ ଏବଂ ୨ ଜଣ 'ପ୍ରଶଂସନୀୟ ସେବା ପଦକ' ପାଇଛନ୍ତି । ଗୃହରକ୍ଷୀ ବାହିନୀରୁ ଜଣେ 'ପ୍ରଶଂସନୀୟ ସେବା ପଦକ' ପାଇଛନ୍ତି ଏବଂ ଜେଲ ଓ ସୁଧାର ବିଭାଗରୁ ୨ ଜଣ 'ପ୍ରଶଂସନୀୟ ସେବା ପଦକ' ପାଇଛନ୍ତି । ଜୀବନ ଓ ସମ୍ପତି ରକ୍ଷା କରିବା, ଅପରାଧ ରୋକିବା କିମ୍ବା ଅପରାଧୀଙ୍କୁ ଗିରଫ କରିବା କ୍ଷେତ୍ରରେ କର୍ତବ୍ୟ ଓ ଦାୟିତ୍ୱକୁ ନଜରରେ ରଖି କରାଯାଇଥିବା ଅସାଧାରଣ ବୀରତ୍ୱପୂର୍ଣ୍ଣ କାର୍ଯ୍ୟ ପାଇଁ ବୀରତ୍ୱ ପଦକ ପ୍ରଦାନ କରାଯାଏ । ମୋଟ ୩୦୧ ଟି ବୀରତ୍ୱ ପଦକ ପ୍ରଦାନ କରାଯାଇଛି । ଏହି ୩୦୧ ଟି ବୀରତ୍ୱ ପଦକ ମଧ୍ୟରୁ ୨୭୨ ଜଣ ପୁଲିସ୍ କର୍ମଚାରୀ ଏବଂ ୨୯ ଜଣ ଅଗ୍ନିଶମ ସେବା କର୍ମଚାରୀଙ୍କୁ ଏହି ପଦକରେ ସମ୍ମାନିତ କରାଯାଇଛି । ଏହି ୩୦୧ ଟି ବୀରତ୍ୱ ପୁରସ୍କାର ମଧ୍ୟରୁ ଅଧିକାଂଶ, ଅର୍ଥାତ୍ ୧୯୭ ଜଣ ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ ଅଂଚଳର, ୫୧ ଜଣ ଜମ୍ମୁ ଓ କଶ୍ମୀର ଅଂଚଳର, ୧୨ ଜଣ ଉତର-ପୂର୍ବ ଅଂଚଳର ଏବଂ ୪୧ ଜଣ ଅନ୍ୟାନ୍ୟ ଅଂଚଳର କର୍ମଚାରୀଙ୍କୁ ସେମାନଙ୍କ ବୀରତ୍ୱପୂର୍ଣ୍ଣ କାର୍ଯ୍ୟ ପାଇଁ ପୁରସ୍କୃତ କରାଯାଉଛି ।

















Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035, BBSR (Office) Telefax- 0674-2395135, Editor- **Nirmalya Mohanty,** ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**

Managing Editor- **Laxminarayan Mohanty,** ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି